ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK
पर्यवेक्षक

Vol.26 . No.187 Bhubaneswar Saturday September 2 2023 | ୨୬ତମ ବର୍ଷ ସଂଖ୍ୟା–୧୮୭ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ୯ରେ ଚାଷୀଙ୍କ 'ବିଜୟ ସମାବେଶ': ଶ୍ରୀଜଗନ୍ନାଥ ଓ ଚାଷୀଙ୍କ ଜମି ତୁରନ୍ତ ଫେରସ୍ତ କରନ୍ତୁ ସରକାର

ଭୁବନେଶ୍ୱର, ୧।୯(ପି.ଏନ): ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ଆଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଧାରଣ ଚାଷୀଙ୍କ ଜମିକୁ ବଳପୂର୍ବକ ଦଖଲରେ ରଖିଥିବା ରାଜ୍ୟ ସରକାର ତୁରନ୍ତ ଏସବୁ ଜମି ଫେରସ୍ତ କରନ୍ତୁ ବୋଲି ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଦାବି କରିଛି । ଏହାସହିତ ଆସନ୍ତା ୯ତାରିଖରେ ପୁରୀର ବେଳଦଳଠାରେ କୃଷକ ବିଜୟ ସମାବେଶ ଅନୁଷ୍ଠିତ ହେବ ଓ ପ୍ରାୟ ୧୦ହଜାର ଚାଷୀ ଯୋଗ ଦେବେ ବୋଲି ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ତରଫରୁ କୁହାଯାଇଛି ।ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମିତି ପକ୍ଷରୁ ବିଶିଷ୍ଟ ସର୍ବ ?ାଦୟ ନେତ୍ରୀ କୃଷ୍ଣା ମହାନ୍ତି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଅତ୍ୟଧିକ ବେଦାନ୍ତ ପ୍ରୀତି ଯୋଗୁଁ ପୁରୀ-କୋଣାର୍କ ବେଳାଭୂମି ଉପକଣ୍ଠରେ ୧୦ହଜାର ଏକର ଚାଷଜମିକୁ ହଡପ କରିବାପାଇଁ ଯୋଜନାବଦ୍ଧ ଷଡଯନ୍ତ୍ରକୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିଛନ୍ତି । ଓଡିଶା ସରକାରଙ୍କୁ ସୁପ୍ରିମକୋର୍ଟ ଭତ୍ସନା କରିବା



ସହିତ ବେଦାନ୍ତ କମ୍ପାନୀକୁ ୫ଲକ୍ଷ ଟଙ୍କା ଜୋରିମାନା ଦାଖଲ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଓଡିଶାରେ କମ୍ପାନୀ ଓ ସରାକାରଙ୍କ ବନ୍ଧୁତା ଯୋଗୁଁ ସମଗ୍ର ଓଡିଶାବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।ସେହିପରି ବରିଷ୍ଠ କଂଗ୍ରେସ ନେତା ତଥା ବିଶିଷ୍ଟ ଆଇନଜୀବି ନରସିଂହ ମିଶ୍ର ବେଦାନ୍ତ କମ୍ପାନୀ ପ୍ରତି ଓଡିଶା ସରକାରଙ୍କର ଅହେତୁକ ଅନୁକମ୍ପାକୁ କଡା ସମାଲୋଚନା କରି କହିଥିଲେ ଯେ, ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତି ତରଫରୁ ୨୦୦୬ ମସିହାରୁ ଏ ବେଆଇନ କାର୍ଯ୍ୟ ବିରୋଧରେ ବିଭିନ୍ନ ସ୍ତରରେ ଯେଉଁ ବିରୋଧ ପ୍ରକଟ କରାଯାଇଥିଲା ତା'ର ଅଗ୍ରଭାଗରେ ସ୍ୱର୍ଗତ ଦ୍ୱାରିକାମୋହନ ମିଶ୍ରଙ୍କର ଅବଦାନ ଅତୁଳନୀୟ । ଓଡିଶା ସରକାର ବେଦାନ୍ତ କମ୍ପାନୀକୁ ପୁରୀ କୋର୍ଣାକ ବେଳାଭୂମି ଅଂଚଳରେ ୧୦ ହଜର ଏକର ଚାଷଜମି ଶାଗମାଛ ମୂଲରେ ଅଧିଗ୍ରହଣ କରିଥିଲେ ଯାହାଦ୍ୱାରା ସିଧାସଳଖ ୬ ହଜାର ପରିବାର, ୩୦ ହଜାର ଲୋକ ପ୍ରତ୍ୟକ୍ଷ ଭାବରେ ଏହି ବେଆଇନ କାର୍ଯ୍ୟଦ୍ୱାରା ପ୍ରଭାବିତ ହୋଇଥିଲେ । ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ କାର୍ଯ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ସମସ୍ତ ଆଇନ କାନୁନକୁ ଜଳାଞ୍ଜଳି ଦେଇ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହୀ ଜମି ଓ କୃଷକଙ୍କ ଚାଷ ଜମିକୁ ହଡପ କରିବା ଉଦ୍ଦେଶ୍ୟରେ ଯେଉଁ ଜମି ଅଧିଗ୍ରହଣ କରିଥିଲେ ତାକୁ ସୁପ୍ରିମକୋର୍ଟ ଖାରଜ କରିବା ସହିତ ସମସ୍ତ ଜମିକୁ ଚାଷୀଙ୍କୁ ଫେରାଇ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ୧୭ ବର୍ଷର ଲ??ଇ, ୨୨ ମୌଜା, ୨୭୫ ଗାଁ ଏବଂ ହଜାର ହଜାର କୃଷକଙ୍କର ଜୀବନ ଜୀବିକାକୁ ବାଜିରେ ଲଗାଇ ଠକ ବେଦାନ୍ତ କମ୍ପାନୀକୁ ୧୦ ହଜାର ଏକର ଚାଷଜମି ସହିତ ଦୁଇଟି ନଦୀକୁ ଟେକି ଦେବାପାଇଁ ଯେଉଁ ଗଭୀର ଷଡଯନ୍ତ୍ର ଓ ଅହେତୁକ ଅନୁକମ୍ପା କରାଯାଇଥିଲା ସେଥିରେ ଖୋଦ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଉଚ୍ଚଶିକ୍ଷା ବିଭାଗ ଓ ରାଜସ୍ୱ ବିଭାଗର ସଂପୃକ୍ତି ଥିଲା, ଏକଥା ସୁପ୍ରିମକୋର୍ଟଙ୍କ ରାୟରୁ ସ୍ପଷ୍ଟ ହୋଇଛି । ତେଣୁ ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇ ଅପରାଧିକ ତଦନ୍ତକୁ ସାମନା କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

## ୪୮ଘଣ୍ଟାରେ ସୃଷ୍ଟି ହେବ ଲଘୁଚାପ ! ରାଜ୍ୟରେ ବୃଦ୍ଧି ପାଇବ ବର୍ଷାର ପରିମାଣ

ଭୁବନେଶ୍ୱର, ୧।୯(ପି.ଏନ): ଉତ୍ତର-ପୂର୍ବ ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ଆଗକୁ ଅଧିକ ଘନୀଭୂତ ହୋଇ ୩ସେପ୍ଟେମ୍ବର ବେଳକୁ ଉତ୍ତର ବଙ୍ଗୋପସାଗର ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରଭାବରେ ପରବର୍ତ୍ତୀ ୪୮ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ।



## ଇଣ୍ଡିଆ ମେଣ୍ଟ: ମୋଦି-ଆଦାନୀ ସମ୍ପର୍କକୁ ନେଇ ବର୍ଷିଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୧।୯(ପି.ଏନ); ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଗୌତମ ଆଦାନୀଙ୍କ ମଧ୍ୟରେ ଗୁପ୍ତ ସମ୍ପର୍କ ଥିବା ଦାବି ପୁଣିଥରେ ବର୍ଷିଛନ୍ତି ରାହୁଲ ଗାନ୍ଧି । ମୁମ୍ବାଇରେ ଅନୁଷ୍ଠିତ ବିରୋଧୀ ମେଣ୍ଟ ଇଣ୍ଡିଆ ବୈଠକରେ ରାହୁଲ ଗାନ୍ଧି ସମ୍ବୋଧନ କରିବା ବେଳେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଓ ବିଜେପି ଦୁର୍ନୀତି ବୁଝାମଣାରେ ସାମିଲ ଅଛନ୍ତି ।ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ଜି-୨୦ ବୈଠକ ପୂର୍ବରୁ ଏ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ।" ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ ମୋଦି ସରକାର ଗରିବ ଲୋକଙ୍କ ଠାରୁ ଟଙ୍କା ନେଉଛନ୍ତି ଓ ଏହାକୁ ଧନୀମାନଙ୍କୁ ଦେଉଛନ୍ତି । ମୋଦି ସରକାର ଚାଇନା ଠାରୁ ଜମି ହାରି ଯାଇଛି ବୋଲି ମଧ୍ୟ ସେ ଦୋହରାଇଛନ୍ତି ।

## ଫିରିଙ୍ଗିଆ ଟେକେରିଗୁଡା ଜଙ୍ଗଲରୁ ଟିଫିନ ବୋମା ସାମଗ୍ରୀ ଜବତ

କନ୍ଧମାଳ, ୧।୯(ପି.ଏନ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳରୁ ଟିଫିନ ବୋମା ସାମଗ୍ରୀ ଜବତ ହୋଇଛି । ଏକ ଷ୍ଟିଲ ଟିଫିନ, ତାର, ବ୍ୟାଟେରୀ ଓ ସେଲୋଟେପ ଜବତ ହୋଇଛି । କିଛି ଜିଲେଟିନ ମଧ୍ୟ ମିଳିଥିବା ସୂଚନା ମିଳିଛି ।ସୂଚନା ଅନୁଯାୟୀ, ଫିରିଙ୍ଗିଆ ଥାନା ଅନ୍ତର୍ଗତ ସାଡ଼ିଙ୍ଗିଆ ପଂଚାୟତର କିଆମୁଣ୍ଡା ଗ୍ରାମ ନିକଟ ଟେକେରିଗୁଡା ଠାରେ ବିଏସଏଫ ଏବଂ ଏସଓଜି ଯବାନଙ୍କ ପକ୍ଷରୁ କୁମ୍ବିଂ ଅପରେସନ ଚାଲିଥିଲା । ଏତିକି ବେଳେ ଏକ ଗଛ ନିକଟରେ ଟିଫିନ ବୋମା ସାମଗ୍ରୀ ପଡି ରହିଥିବା ଦେଖିବାକୁ ମିଳିଥିଲା । ଟିଫିନ ବୋମା ପ୍ରସ୍ତୁତି ଚାଲିଥିବା ବେଳେ ସୁରକ୍ଷା ବାହିନୀ ପହଂଚିଯିବାରୁ ପ୍ରସ୍ତୁତକାରୀ ଜିନିଷ ଛାଡି ଦେଇ ଚାଲି ଯାଇଥିବା ଅନୁମାନ କରାଯାଉଛି । ପ୍ରକାଶ ଥାଉକି, କିଆମୁଣ୍ଡା ଅଂଚଳରେ ବିଗତ ଦିନରେ ମାଇନ ବିସ୍ଫୋରଣରେ ଜଣେ ସ୍ଥାନୀୟ ଯୁବକ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ଅପରପକ୍ଷରେ, ଗୁରୁବାର ଗୋଛାପଡା ଅଂଚଳରେ ମଧ୍ୟ ବହୁ ସଂଖ୍ୟକ ମାଓ ଲିଫଲେଟ ପଡିଥିବା ଦେଖିବାକୁ ମିଳିଥିଲା । ଏସବୁ ଘଟଣା ସମ୍ପୃକ୍ତ ଅଂଚଳରେ ମାଓବାଦୀଙ୍କ ଉପସ୍ଥିତି ଓ ଗତିବିଧିକୁ ପ୍ରମାଣିତ କରୁଛି । ସୁରକ୍ଷା ବାହିନୀ ପକ୍ଷରୁ ଏହି ଅଂଚଳରେ କମ୍ବିଙ୍ଗ ଅପରେସନ ଜାରି ରହିଛି ।

## ଆହୁରି ୪୮ ଘଂଟା ରାଜ୍ୟରେ ଗୁଳୁଗୁଳି ଅନୁଭୂତ ହେବ

ଭୁବନେଶ୍ୱର, ୧।୯(ପି.ଏନ): ଆହୁରି ୪୮ ଘଂଟା ରାଜ୍ୟରେ ଗୁଳୁଗୁଳି ଅନୁଭୂତ ହେବ । ଦୁର୍ବଳ ମୌସୁମୀ ପ୍ରବାହ ପାଇଁ ଉପକୂଳ ଓଡ଼ିଶାରେ ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୪ ଡ଼ିଗ୍ରୀ ଅଧିକ ରେକର୍ଡ ହେଉଥିବା ବେଳେ ଆଦ୍ରତା ଦିନ ତମାମ ୬୦ ପ୍ରତିଶତ କିମ୍ବା ଅଧିକ ରହୁଥିବାରୁ ଗୁଳୁଗୁଳି ଲାଗିରହୁଛି ।

## ସାଂସଦ ଭାବେ ଏଚ୍‌ଡି ଦେବଗୌଡାଙ୍କ ନାତିଙ୍କୁ ଅଯୋଗ୍ୟ ଘୋଷଣା କଲେ ହାଇକୋର୍ଟ

ଭୁବନେଶ୍ୱର, ୧।୯(ପି.ଏନ): ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ଜେଡିଏସ୍‌କୁ ଶକ୍ତ ଝଟକା ଲାଗିଛି । କାରଣ ତାଙ୍କ ନାତି ତଥା ଦଳର ଏକମାତ୍ର ଲୋକସଭା ସଦସ୍ୟ ପ୍ରଜ୍ୱାଲ ରେବାନ୍ନାଙ୍କୁ ଆଜି କର୍ଣ୍ଣାଟକା ହାଇକୋର୍ଟ ଅଯୋଗ୍ୟ ଘୋଷଣା କରିଛନ୍ତି । ସେ ହାସନ ସିଟ୍‌ରୁ ଜିତି ଲୋକସଭାକୁ ଯାଇଥିଲେ । କିନ୍ତୁ ତାଙ୍କ ନିର୍ବାଚନକୁ ହାଇକୋର୍ଟ ଅବୈଧ ଘୋଷଣା କରିଛନ୍ତି ।ଜଷ୍ଟିସ କେ ନଟରାଜନ ତାଙ୍କ ରାୟରେ ନିର୍ବାଚନ ମଣ୍ଡଳୀର ଭୋଟର ଜି ଦେବରାଜେ ଗୌଡା ଓ ୨୦୧୯ରେ ବିଜେପି ଟିକେଟରୁ ଲଢ଼ି ପରାସ୍ତ ହୋଇଥିବା ଏ ମଞ୍ଜୁଙ୍କ ଆବେଦନକୁ ଆଶିଂକ ଭାବେ ଅନୁମତି ଦେଇଛନ୍ତି । ଏଥିସହ ଭାରତୀୟ ନିର୍ବାଚନ କମିଶନକୁ ପ୍ରଜ୍ୱାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି । ସେ ନିର୍ବାଚନରେ ଅନିୟମିତତା କରିଥିବାରୁ କଣ୍ଡକ୍ଟ ଅଫ ଇଲେକସନ ପ୍ରୋସେସ ରୁଲ୍ସ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।



## ଶବ ସତ୍କାର କରିବାକୁ ଯାଇ ନିଜେ ପାଲଟି ଗଲେ ଶବ

ଭୁବନେଶ୍ୱର, ୧।୯(ପି.ଏନ): ସମ୍ପର୍କୀୟଙ୍କ ଶବ ସତ୍କାର କରିବାକୁ ଶ୍ମଶାନକୁ ଯାଇଥିବା ଜଣେ ବ୍ୟକ୍ତି ନିଜେ ପାଲଟିଗଲେ ଶବ । ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ଝରିଗାଁରେ । ମୃତ ବ୍ୟକ୍ତିଙ୍କ ନାଁ ରଇନୁ ନାୟକ (୪୦) । ଝରିଗାଁ ଅଞ୍ଚଳର ସୁଲୋଚନା ନାୟକ ନାମକ ଜଣେ ବୃଦ୍ଧାଙ୍କର ଆଜି ପରଲୋକ ହୋଇଥିଲା । ତାଙ୍କ ଶବ ସତ୍କାର କରିବାକୁ ଦିନ ପ୍ରାୟ ୧୧ଟା ବେଳେ ତାଙ୍କ ସମ୍ପର୍କୀୟ ଓ ପାଖ ପଡିଶା ଲୋକେ ଶ୍ମଶାନରେ ଏକାଠି ହୋଇଥିଲେ । ସେମାନଙ୍କ ମଧ୍ୟରେ ରଇନୁ ମଧ୍ୟ ଥିଲେ ।

## ଭିକେ ପାଣ୍ଡିଆନଙ୍କ ବ୍ରହ୍ମବରଦା ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ କଂଗ୍ରେସ ଓ ବିଜେପିର ବିରୋଧ

ଧର୍ମଶାଳା, ୧।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ମୁତାବକ, ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ଆଜି ୩ୟ ଥର ପାଇଁ ଯାଜପୁର ଜିଲା ଗସ୍ତରେ ଆସିଛନ୍ତି । ଆଜି ସକାଳେ ହେଲିକ୍ୟାପ୍ଟରରେ ଆସି ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଜନ ଅଭିଯୋଗ ଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ତାଙ୍କର ଏହି ବ୍ୟୟ ବହୁଳ ଗସ୍ତକୁ ବରୀ କଂଗ୍ରେସ ଓ ବିଜେପି ପକ୍ଷରୁ ପୃଥକ ପୃଥକ ସ୍ଥାନରେ ଘୋର ବିରୋଧ କରାଯାଇଛି । ଆଜି ସେ ଆସିବା ପୂର୍ବରୁ ବରୀ କଂଗ୍ରେସ ନେତ୍ରୀ ଆରତୀ ଦେଓଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ କର୍ମୀମାନେ ଏକତ୍ର ହୋଇ ବ୍ରହ୍ମବରଦା ବ୍ୟାଙ୍କ ଛକ ନିକକଟରେ ସାମିଲ ହୋଇ କଳା ପୋଷାକ ସହ ରିବନ ବାନ୍ଧି ପ୍ରତିବାଦ ଜଣାଇଥିଲେ । ଏଠି ଅମଲା ଶାସନ ଚାଲିଛି । ସଚିବ ହୋଇ ସଚିବ ଭଳି ରହନ୍ତୁ । ନେତାମନ୍ତ୍ରୀଙ୍କ କାମ ସେ ନ କରନ୍ତୁ ବୋଲି ଦାବି କରିଥିଲେ । ପରେ ସେମାନେ ଏଠାରୁ ବାହାରି ବିଭିନ୍ନ ଛକ ପରିକ୍ରମା କରି ସଭାସ୍ଥଳକୁ ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ଥିଲା । କିଛି ସମୟ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ବୁଝାଶୁଝା ପରେ ଘଟଣା ଶାନ୍ତ ପଡିଥିଲା ।ଅନ୍ୟପକ୍ଷରେ ବରୀ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଫାଇଭ-ଟି ସଚିବଙ୍କ ଗସ୍ତକୁ ଘୋର ବିରୋଧ କରାଯାଇଛି । ବିଜେପି ଯୁବ ନେତା ଓ ମହିଳା ନେତ୍ରୀ ମଙ୍ଗରାଜପୁର ପଂଚାୟତ ଖଣ୍ଡାସ ଛକ ନିକଟରେ ଏକତ୍ର ହୋଇ ପାଣ୍ଡିଆନ ଗୋ ବ୍ୟାକ୍ ନାରା ଦେଇଥିଲେ । ପରେ ସେମାନେ ଏକ ଶୋଭାଯାତ୍ରାରେ କଳା ବ୍ୟାଚ, କଳା ପୋଷାକ ଓ କଳା ଟୋପି ପିନ୍ଧି ସଭାସ୍ଥଳ ଅଭିମୁଖେ ବାହାରି ଥିଲେ । ଏହି ଶୋଭାଯାତ୍ରା ବ୍ୟାଙ୍କ ଛକ ନିକଟରେ ପଂହଚିବା ପରେ ପୋଲିସ ସେମାନଙ୍କୁ ଅଟକାଇ ଥିଲା । ଯାହାକି ସେମାନେ ସଭା ସ୍ଥଳରେ ପଂହଚି ପାରି ନ ଥିଲେ ।

## ଆରଜେଡି ନେତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ ସୁପ୍ରିମକୋର୍ଟ, ଡବଲ ମର୍ଡର ମାମଲାରେ ଆସିଲା କୋର୍ଟଙ୍କ ରାୟ

ନୂଆଦିଲ୍ଲୀ, ୧।୯(ପି.ଏନ):ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି)ର ପୂର୍ବ ସାଂସଦ ପ୍ରଭୁନାଥ ସିଂହଙ୍କୁ ସୁପ୍ରିମ କୋର୍ଟରୁ ବଡ ଝଟକା ଲାଗିଛି । ୧୯୯୫ରେ ମଶରଖ ଡବଲ ମର୍ଡର ମାମଲାରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ସହିତ କୋର୍ଟ ମୃତକ ପରିବାରକୁ ୧୦-୧୦ ଲକ୍ଷ ଟଙ୍କା ଓ ଆହତ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଆଦେଶ ଦେଇଛନ୍ତି ।୧୯୯୫ରେ ବିହାରରେ ବିଧାନସଭା ନିର୍ବାଚନ ସମୟରେ ଛାପ୍ରାର ମଶରଖରେ ରାଜେନ୍ଦ୍ର ରାୟ ଓ ଦାରୋଗା ରାୟଙ୍କୁ ଗୁଳି ମାରି ହତ୍ୟା କରାଯାଇଥିଲା । ଅଭିଯୋଗ ହୋଇଥିଲା ଯେ, ଏହି ହତ୍ୟା ପ୍ରଭୁନାଥ ହିଁ କରାଇଛନ୍ତି । କାରଣ ଏ ଦୁଇଜଣ ପ୍ରଭୁନାଥଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ନଥିଲେ । ଏହି ନିର୍ବାଚନରେ ପ୍ରଭୁନାଥଙ୍କ ପରାଜୟ ହୋଇଥିଲା ଓ ସେ ବିଜେପିର ପ୍ରାର୍ଥୀ ଅଶୋକ ସିଂହଙ୍କୁ ୯୦ ଦିନ ମଧ୍ୟରେ ହତ୍ୟା କରିବାକୁ ଧମକ ଦେଇଥିଲେ । ଠିକ୍ ୯୦ ଦିନ ପରେ ଅଶୋକଙ୍କ ହତ୍ୟା କରାଯାଇଥିଲା ।



## ବିଜେଡିରୁ ବହିଷ୍କୃତ ହେଲେ ବରିଷ୍ଠ ନେତା; ଦଳ ବିରୋଧୀ କାର୍ଯ୍ୟ ପଡିଲା ମହଙ୍ଗା

ଭୁବନେଶ୍ୱର, ୧।୯(ପି.ଏନ): ରାଜ୍ୟରେ ଆଗକୁ ବିଧାନସଭା ନିର୍ବାଚନ ଥିବା ବେଳେ କ୍ଷମତାରେ ଥିବା ବିଜୁ ଜନତା ଦଳ ଏଥିପାଇଁ ନିଜର ସଂଗଠନ ସ୍ତରରେ କାର୍ଯ୍ୟ କରୁଛି । ଏହାରି ଭିତରେ ଖବର ଆସିଛି ଯେ, ଦଳ ପାଇଁ ଦିଗପହଣ୍ଡି ଅଞ୍ଚଳରୁ ଜଣେ କର୍ମୀଙ୍କୁ ଦଳରୁ ବହିସ୍କୃତ କରାଯାଇଛି ।




ତେବେ ମିଳିଥିବା ସୂଚନା ଅନୁଯାୟୀ, ଦିଗପହଣ୍ଡି ଜିଲ୍ଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି । ଦଳ ବିରୋଧୀ କାମ ପାଇଁ ଦଳରୁ ବହିଷ୍କୃତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ଏନେଇ ବିଜେଡି ସାଧାରଣ ସଂପାଦକ ମାନସ ମଙ୍ଗରାଜଙ୍କ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ବିପିନଙ୍କ ସମର୍ଥକ ମାନେ ଦିଗପହଣ୍ଡି ବ୍ଲକ ଅଧକ୍ଷ ନିର୍ବାଚନ ସମୟରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ ।

# ଜଳ ଅଭାବରୁ ପଛେଇଲାଣି ଚାଷ କାମ, ମାଟି ଫାଟି ଆଁ କଲାଣି

ଗଞ୍ଜାମ, ୧।୯(ପି.ଏନ): ଆଷାଢ଼ ସରିଲା, ଶ୍ରାବଣ ସରିଲା ଏବେ ଭାଦ୍ରବ ମାସ ଚାଲିଲା । ରାଜ୍ୟରେ କେଉଁଠି ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ଆଉ କେଉଁଠି ସୁଖିଲା ପାଗ ଜାରି ରହିଛି । ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷର ବୃଷ୍ଟିପାତ ହାର ବହୁତ କମ୍ ରହିଛି । ଖରିଫ୍ ଚାଷ ସମୟରେ ଲଗାତାର ୩ ମାସ ଧରି ନିଅଂଟିଆ ବର୍ଷା ରେକର୍ଡ଼ କରାଯାଇଛି । ଯାହାକି ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ବର୍ଷା ଅଭାବରୁ ଗଞ୍ଜାମ ଜିଲ୍ଲାରେ ଖରିଫ ଚାଷ ନଷ୍ଟ ହେବାକୁ ବସିଲାଣି । ପାଣି ନମିଳିବାରୁ ବିଭିନ୍ନ ସ୍ଥାନରେ ତଳି ବୁଢା ହୋଇଗଲାଣି । ସେପଟେ ରୁଆ ହୋଇଥିବା ଜମି ଜଳ ଅଭାବରୁ ସୁଖି ଟାଙ୍ଗରା ଭୂଇଁ ପାଲଟିଛି । କେତେକ ସ୍ଥାନରେ ମାଟି ଫାଟି ଆଁ କଲାଣି । ଏଭଳି ଜଟିଳ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରଶାସନକୁ କୌଣସି ରାସ୍ତା ଦେଖାଯାଉନାହିଁ । ବର୍ଷା ନଥିବାରୁ ଚାଷ କାମ ଆଗେଇ ପାରୁନାହିଁ । ଯାହାକୁ ନେଇ ଚାଷୀମାନେ ଏବେ ଚିନ୍ତାରେ ରହିଛନ୍ତି । ପାଣି ଅଭାବ ଯୋଗୁଁ ଚଳିତ ବର୍ଷ ଖରିଫ୍ ଅମଳ କମିବ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି ।ଗଞ୍ଜାମ ଜିଲ୍ଲାରେ ବିଳମ୍ବରେ ମୌସୁମୀ ବର୍ଷା ହେଉଥିବାରୁ ଖରିଫ୍ ଚାଷ ମଧ୍ୟ ବିଳମ୍ବ ହୋଇଥାଏ । କିନ୍ତୁ, ଚଳିତ ବର୍ଷ ବର୍ଷା ସବୁ ରେକର୍ଡ଼ ଭାଙ୍ଗିଛି । ଲଗାତାର ତିନି ମାସ ଧରି ବର୍ଷାର ପରିମାଣ କମିବା ଯୋଗୁଁ ଜିଲ୍ଲାରେ ଚାଷ ପାଇଁ ପାଣିର ଅଭାବ ଦେଖାଦେଇଛି । ପାନୀୟ ଜଳ ସଙ୍କଟ ଏତେଟା ଚିନ୍ତାଜନକ ହୋଇନଥିଲେ ସୁଦ୍ଧା ଚାଷ ପାଇଁ ପାଣି ପାଇବାରେ ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାଧ୍ୟ ହୋଇ ଚାଷୀ ନଦୀରେ ବନ୍ଧ ବାନ୍ଧି ଜମିକୁ ପାଣି ନେବାକୁ ଉଦ୍ୟମ କରୁଥିବା ବେଳେ ଟ୍ୟାଙ୍କରରେ ପାଣି ନେଇ ଧାନଜମିରେ ସିଂଚନ କରୁଥିବା ଦେଖିବାକୁ ମିଳିଛି । ଗତ ଜୁନ୍, ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାରେ ବର୍ଷାର ପରିମାଣ କମିଥିଲା । ଅଗଷ୍ଟରେ ଏହାର ଭରଣା ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ, ଅଗଷ୍ଟରେ ମଧ୍ୟ ବର୍ଷାର ପରିମାଣ କମିଛି । ଜୁନ୍ ମାସରେ ଜିଲ୍ଲାରେ ହାରାହାରି ୧୬୮.୩ ମି.ମି. ବର୍ଷା ହୋଇଥାଏ । ହେଲେ ଏଥର ମାତ୍ର ୭୯.୫୦ ମି.ମି. ବର୍ଷା ରେକର୍ଡ଼ କରାଯାଇଥିଲା । ଜୁଲାଇ ମାସରେ ହାରାହାରି ୨୨୦.୮ ମି.ମି. ବର୍ଷା ହେବା କଥା । କିନ୍ତୁ, ଜୁଲାଇ ମାସରେ ୧୯୧.୩୩ ମି.ମି. ବର୍ଷା ରେକର୍ଡ଼ କରାଯାଇଛି । ସେହିପରି ଅଗଷ୍ଟ ମାସରେ ହାରାହାରି ସ୍ୱାଭାବିକ୍ ବର୍ଷା ୨୪୬.୮ ମି.ମି. ହେବା କଥା, କିନ୍ତୁ ବର୍ଷିଛି ୧୩୪.୫୪ ମି.ମି. । ଯାହାକି ତିନି ମାସର ସ୍ୱାଭାବିକ୍ ବର୍ଷା ଯେତିକି ହେବା କଥା ତା' ଠାରୁ ପ୍ରାୟ ୪୫ ପ୍ରତିଶତ କମ୍ । ଗଞ୍ଜାମ ଜିଲ୍ଲାରେ ଚାଷ ପାଇଁ ଚାଷୀ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି । ଚାଷ ପାଇଁ ଆବଶ୍ୟକ ପ୍ରାୟ ୬୦ ପ୍ରତିଶତ ପାଣି ବର୍ଷାଜଳ ଭରଣା କରିଥାଏ । କିନ୍ତୁ, ଚଳିତ ବର୍ଷ ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ଦେଖାଦେଇଥିବା ନିଅଂଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି । ଜିଲ୍ଲାର ଡ଼ିପ ସ୍ଥାନରେ ହଜାର ହଜାର ଏକର ଜମି ଏବେବି ପଡ଼ିଆ ପଡିଛି । ଜିଲ୍ଲା ପ୍ରଶାସନର ଉଠା ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ସହିତ ଋଷିକୂଲ୍ୟା ନଦୀ ଜଳର ସଠିକ୍ ବଂଟନ କରୁନଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ଜଣାପଡିଛି । ଗଞ୍ଜାମ ଜିଲ୍ଲାରେ ଜଳ ଉତ୍ସର ଅଭାବ ନାହିଁ । କିନ୍ତୁ, ଜଳ ସଂରକ୍ଷଣ ବ୍ୟବସ୍ଥା ସୁଦୃଢ଼ ନଥିବାରୁ ଚାଷୀଙ୍କୁ ପାଣି ମିଳିପାରୁନାହିଁ ବୋଲି ଅଭିଯୋଗ ହେଉଛି ।

ଗଞ୍ଜାମ ଜିଲ୍ଲାରେ ଚଳିତ ଖରିଫ୍ ଋତୁରେ ମୋଟ୍ ୪ ଲକ୍ଷ ୫ ହଜାର ୫୭୦ ହେକ୍ଟର ଚାଷ ପାଇଁ ଲକ୍ଷଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ମୋଟ୍ ୧ ଲକ୍ଷ ୭୯ ହଜାର ୯୪୯ ହେକ୍ଟର ଜମିରେ ଧାନଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । କୃଷି ବିଭାଗର ଆକଳନ ଅନୁସାରେ ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ଜମିରେ ରୁଆ କାର୍ଯ୍ୟ ସରିଛି । ହେଲେ ଚାଷୀଙ୍କ କହିବା ଅନୁସାରେ, ଜିଲ୍ଲାରେ ହାରାହାରି ୫୦ରୁ ୬୦ ପ୍ରତିଶତ ରୁଆ ହୋଇଛି । ଏପରିକି କେତେକ ଅଂଚଳରେ ମଧ୍ୟ ୪୦ ପ୍ରତିଶତ ରୁଆ କାର୍ଯ୍ୟ ହୋଇନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି ।

## ୧୩ ଜଣିଆ ସମନ୍ୱୟ କମିଟି ଗଠନ କଲା ଇଣ୍ଡିଆ ମେଣ୍ଟ, ନାହାନ୍ତି ରାହୁଲ ଗାନ୍ଧି ଓ ନୀତୀଶ କୁମାର

ବିଜେପି ବିରୋଧରେ ଲଢ଼ିବାକୁ ୨୬ଟି ବିରୋଧୀ ଦଳ ଗଠନ କରିଥିବା ଇଣ୍ଡିଆ ମେଣ୍ଟ ନିଜର ରଣନୀତିକୁ ଆଉ ପାଦେ ଆଗକୁ ବଢ଼ାଇଛି । ମୁମ୍ବାଇରେ ଇଣ୍ଡିଆ ମେଣ୍ଟର ଦୁଇ ଦିନିଆ ମେଗା ବୈଠକରେ ୧୩ ଜଣିଆ ସମନ୍ୱୟ କମିଟି ଗଠନ କରାଯାଇଛି । ସବୁ ଦଳର ଜଣେ ଲେଖାଏ ସଦସ୍ୟ ଏହି କମିଟିରେ ଅଛନ୍ତି । କିନ୍ତୁ ବିରୋଧୀଙ୍କ ଚେହେରା କୁହାଯାଉଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କିମ୍ବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମନ୍ୱୟ କମିଟିରେ ନାହାନ୍ତି । ୧୩ ଜଣିଆ ସମନ୍ୱୟ କମିଟିରେ କଂଗ୍ରେସର କେସି ଭେନୁଗୋପାଲ, ଏନସିପିର ଶରଦ ପାୱାର, ଡିଏମକେର ଏମକେ ଷ୍ଟାଲିନ, ଶିବସେନା(ଉଦ୍ଧବ ବାଲାସାହେବ ଠାକରେ)ର ସଞ୍ଜୟ ରାଉତ, ଜେଡିୟୁର ଲଲନ ସିଂହ, ଆରଜେଡିର ତେଜସ୍ୱୀ ଯାଦବ, ଟିଏମସିର ଅଭିଷେକ ବାନାର୍ଜୀ, ଆପ୍‌ର ରାଘବ ଚଡ୍ଡା, ସପାର ଜାଭେଦ ଅଲୀ ଖାନ, ଜେଏମଏମର ହେମନ୍ତ ସୋରେନ, ସିପିଆଇର ଡି ରାଜା, ଏନସିର ଓମାର ଅବଦୁଲ୍ଲା ଓ ପିଡିପିର ମେହବୁବା ମୁଫତି ରହିଛନ୍ତି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମ ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢ଼ିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୨**

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ



ଅଲେଖ ଚନ୍ଦ୍ର ସାମଲ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜଣେ ପ୍ରଜାବତ୍ସଳ, ପରୋପକାରୀ ଓ ସ୍ୱଦେଶପ୍ରେମୀ ଶାସକ ଥିଲେ । ମୟୂରଭଞ୍ଜର ରାଜା ଥିଲେ ହେଁ ନିଜର ଅସାଧାରଣ ପ୍ରତିଭା ଓ ପ୍ରଚେଷ୍ଟା ବଳରେ ଓଡ଼ିଶାର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରକୁ ପ୍ରଭାବିତ କରିପାରିଥିଲେ । ଓଡ଼ିଆ ଜାତି ଓ ଭାଷା ପ୍ରତି ତାଙ୍କର ଗଭୀର ମମତା ଥିଲା । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ । ୧୯୦୩ ଡିସେମ୍ବର ୩୦ ତାରିଖରେ ଏହି ଐତିହାସିକ ସଭା କଟକରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ମୟୂରଭଞ୍ଜ ରାଜବଂଶର ଏକ କୀର୍ତ୍ତି । କଳା-ସାହିତ୍ୟ-ସାଂସ୍କୃତିକ-ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାରେ ସେ ମନ ଦେଇଥିଲେ । କଟକରେ ଉତ୍କଳ ସାହିତ୍ୟ ସମାଜର ସ୍ଥାୟୀ ସଭାଗୃହ ତାଙ୍କର ଅବଦାନ । ଶ୍ରୀରାମଚନ୍ଦ୍ର ଥିଲେ ସାହିତ୍ୟାନୁରାଗୀ ଓ କଳାପ୍ରେମୀ । ତାଙ୍କ ପୃଷ୍ଠପୋଷକତାରେ ବାରିପଦାରୁ ଉତ୍କଳ ପ୍ରଭା ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା । ସେ ଛଉ ନୃତ୍ୟ ବିଶାରଦ ଥିଲେ । ରାଜକୋଷରୁ ବିପୁଳ ଅର୍ଥ ବ୍ୟୟକରି ମୟୂରଭଞ୍ଜ ଛଉ ନୃତ୍ୟର ଅଭିବୃଦ୍ଧି ଘଟାଇଥିଲେ । ବିଳାସବ୍ୟସନ, ଚାକଚକ୍ୟ ପ୍ରତି ତାଙ୍କର ଆଗ୍ରହ ନଥିଲା । ରାଜପ୍ରାସାଦର ଏକ ସାଧାରଣ କୋଠରିରେ ରହୁଥିଲେ । ନିରାମିଷାଶୀ ଥିଲେ ଓ ମଦ୍ୟପାନ କରୁନଥିଲେ । ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ଓଡ଼ିଶାର ଆଦର୍ଶ ରାଜ୍ୟରେ ପରିଣତ ହୋଇଥିଲା । ଶ୍ରୀରାମଚନ୍ଦ୍ର ଥିଲେ ଶିକାର ପ୍ରିୟ ଏହି ଶିକାର ଯୋଗୁଁ ହିଁ ତାଙ୍କର ପ୍ରାଣ ଯାଇଥିଲା । ରୂପସୀ ବାରିପଦା ରେଳପଥର ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ରେଳବାଇର କିଛି ଉଚ୍ଚ କର୍ମକର୍ତ୍ତା ପରିଦର୍ଶନରେ ଆସି ମହାରାଜାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ରାତିରେ ସେମାନଙ୍କୁ ଧରି ମହାରାଜା ଶିକାରକୁ ଯାଇଥିଲେ । ଗୋଟିଏ ମଞ୍ଚରେ ମହାରାଜା ଥିବା ବେଳେ ଅନ୍ୟ ମଞ୍ଚରେ ଥିଲେ ଅନ୍ୟ ଶିକାରୀମାନେ । ଦୁଇଟି ଭାଲୁ, ସେହି ସ୍ଥାନରୁ ଆସି ଗୁଳି ଖାଇଲେ । ଗୋଟିଏ ଟଳି ପଡ଼ିଲା ଏବଂ ଅନ୍ୟଟି ଆହତ ଅବସ୍ଥାରେ ଜଙ୍ଗଲ ଭିତରକୁ ପଳାଇଲା । ମହାରାଜା ମଞ୍ଚରୁ ତଳକୁ ଓହ୍ଲାଇଲେ । ସେ ପିନ୍ଧିଥିଲେ କଳା ପୋଷାକ । ଅନ୍ଧକାରରେ ତାଙ୍କୁ ଭାଲୁ ଭାବି ଅନ୍ୟ ମଞ୍ଚର ଶିକାରୀମାନେ ଗୁଳି କଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ସତ୍ତ୍ୱେ ୧୯୧୨ ଫେବୃଆରୀ ୨୨ ତାରିଖ ଦିନ ମାତ୍ର ବୟାଳିଶ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା ।

ପୂର୍ବତନ ଡିଏଫଓ (କେନ୍ଦୁଲିଫ) ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩

# ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା



ଅଭୟ କୁମାର ଦାସ

ଦ୍ରୁତଗତି ମହାବିପତ୍ତି । ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ । ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି । ନିକଟରେ ଏକ ସରକାରୀ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି । ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି । ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି । ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା । ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି । ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି ।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ । କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି । ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ । ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡ଼ୁଛି । ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ । ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି । ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ । ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି । ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି । ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି । ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ । ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ । ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି । ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି । ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି । ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି । ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି । ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି ।

ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି । ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି । ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି । ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି । ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ୍ୟ ଅଧିକ । ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ । ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି । ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି ।

ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

# ଚୀନର ଅକ୍ଷମଣୀୟ ଅପରାଧ



ଆଶୁତୋଷ ନାୟକ

ସାରା ବିଶ୍ୱରେ ଭାରତ ପ୍ରଥମ ସଭ୍ୟତା ଏବଂ ଚୀନ ଦ୍ୱିତୀୟ ସଭ୍ୟତା ରୂପେ ପରିଚିତ । ଉଭୟ ଦେଶ ଏସିଆ ମହାଦେଶ ର ବିଶାଳ ଏବଂ ବିକଶିତ । ବାଣିଜ୍ୟ କାରବାର ପାଇଁ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଅତି ନିବିଡ଼ । ସମସ୍ତ ମୋବାଇଲ ଯନ୍ତ୍ରାଂଶ ଓ ମେଡ଼ିସିନ ରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଉପକରଣ,, ଖେଳନା ପ୍ରଯ୍ୟନ୍ତ ଅନେକ ଦ୍ରବ୍ୟ ପାଇଁ ଆମ ଦେଶ ଭାରତ ପଡୋଶୀ ରାଷ୍ଟ୍ର ଚୀନ ଉପରେ ନିର୍ଭରଶୀଳ । ଅଷ୍ଟାଦଶ ଶତାବ୍ଦୀ ରେ ଉଭୟ ଭାରତ ଚୀନ ବିଶ୍ୱ ଏଉଚ ର ୫୫%ଭାଗିଦାର ଥିଲେ । ପାଶ୍ଚାତ୍ୟ ସାମ୍ରାଜ୍ୟ ଦ୍ୱାରା ପ୍ରଭାବିତ ହୋଇ ୧୯୫୦ ରେ ଆମ ଦେଶ ଭାରତ ଆଧୁନିକ ଗଣତନ୍ତ୍ର ରାଷ୍ଟ୍ର ରୂପେ ସ୍ଥାପିତ ହୋଇଥିଲା । ଭାରତ ଗାନ୍ଧିଜୀ ଙ୍କ ସତ୍ୟନିଷ୍ଠା,ଉଦାର ମାନବିକତା,ଧାର୍ମିକ ଭାବନା ସ୍ୱତନ୍ତ୍ର –ବିଚାର କୁ ସଦା ସର୍ବଦା ଅବଲମ୍ବନ କରିଥାଏ । ଇତିହାସ ର ପୃଷ୍ଠା କୁ ଅବଲୋକନ କଲେ ଏହା ପରିଲିକ୍ଷିତ ହୁଏ, ଭାରତ 'ବସୁଧୈବ କୁଟମ୍ବକମ' ନୀତି ଓ ଆଦର୍ଶ କୁ ସମ୍ପୂର୍ଣ ରୂପେ ପାଳନ କରେ । ସେଥିପାଇଁ ଭାରତ ବିଶ୍ୱ ର ଏକମାତ୍ର ଦେଶ ଯାହାକୁ ଶାସ୍ତ୍ର ରେ ଏବଂ ବିଦ୍ୱାନ ମୁନି ଋଷି ମାନେ ମଧ୍ୟ ଦେବଭୂମି ଓ ପୂର୍ଣ୍ୟଭୂମି ର ଆଖ୍ୟା ଦେଇଛନ୍ତି । କିନ୍ତୁ ଚୀନ ର ପୁରୁଣା ଇତିହାସ କୁ ଅବଲୋକନ କଲେ ଏହା ପରିଲକ୍ଷିତ ହୁଏ, କି ଚୀନ ସଦା ସର୍ବଦା ମାଓଙ୍କ ଦର୍ଶନଶାସ୍ତ୍ର, ଏକଛତ୍ରବାଦୀ ନୀତି, ଆତ୍ମକେନ୍ଦ୍ରୀକ ନୀତି କୁ ଆପଣେଇ ଥାଏ । ଚୀନର ନିଜ ହାତ , ତିବତ୍ କୁ ପାପୁଲି , ଅରୁଣାଚଳ ପ୍ରଦେଶ,ଭୁଟାନ, ସିକମ୍, ନେପାଳ, ଲଦାଖ କୁ ପାଞ୍ଚ ଆଙ୍ଗୁଠି ଭାବେ । ଏହି ଅଞ୍ଚଳ ଏହାର ଅବିଚ୍ଛେଦ ଅଙ୍ଗ ପ୍ରମାଣିତ କରିବା ପାଇଁ ବିବାଦୀୟ ଚିତ୍ର ଅଙ୍କନ କରି କାରଣ ଦର୍ଶାଇଥାଏ । ଯାହାକୁ cratographic Aggression କୁହାଯାଏ । ୧୯୧୪ ରେ ଶିମିଳା ସମ୍ମିଳନୀ କୁ ଚୀନ ଅମାନ୍ୟ କରିଥିଲା ସ୍ୱାଧୀନତା ପରେ ଭାରତ ଆଦର୍ଶବାଦରେ ପ୍ରେରିତ ହୋଇ ଚୀନ ସହ ଭଲ ସମ୍ପର୍କ ସ୍ଥାପନ କରି ଉଭୟ ଆମେରିକା ଓ ରୁଷ ଠାରୁ ବିକଶିତ ହେବାର ସ୍ୱପ୍ନ ଦେଖୁଥିଲ । ସେଥିପାଇଁ ଭାରତ ଚୀନ କୁ ତାଇୱାନ ଦ୍ୱନ୍ଦ ୧୯୫୫ ରେ ବାଣ୍ଡୁମ ସମ୍ମିଳନୀ ସଂଯୁକ୍ତ ରାଷ୍ଟ୍ର ର ସମ୍ମିଳନୀରେ ଆଦି ସାହାଯ୍ୟ କରିଥିଲା । ଏହାର ଫାଇଦା ରେ ଚୀନ ତିବତ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥିଲା । ଯାହା ଦ୍ୱାରା ମ୍ୟାକ ମୋହନ ରେଖା ଅସୁରକ୍ଷିତ ହୋଇଥିଲା । ୧୯୫୪ ରେ ପଞ୍ଚଶୀଳ ଯୋଜନା କୁ ଚୀନ ଅସ୍ୱୀକାର କରିଥିଲ ।

ଭାରତ ର ସାହାଯ୍ୟ ପାଇଁ ମଧ୍ୟ ବିଶ୍ୱାସଘାତକ ଚୀନ ୧୯୫୯ ରେ ଅକସର ଚୀନ, ଅରୁଣାଚଳ ପ୍ରଦେଶ ର ତୱାଙ୍ଗ କୁ ନିଜ ଦେଶ ର ମାନଚିତ୍ର ରେ ଦର୍ଶାଇଥିଲା ଏବଂ ଭାରତ ର ଅଙ୍ଗ କାଶ୍ମୀର ନୁହେଁ ବୋଲି ମନ୍ତବ୍ୟ ଦେଇଥିଲା । ଭାରତ ଏହାର ଦୃଢ ପ୍ରତିବାଦ କରିବାରୁ ୧୯୬୨ ରେ ଅରୁଣାଚଳ ପ୍ରଦେଶ ଏବଂ ସିକିମ କୁ ଆକ୍ରମଣ କରି ଯୁଦ୍ଧ ଆହ୍ୱାନ ଦେଇଥିଲା । ଭାରତ ର ସାମରିକ ସେନା ସମ୍ପୂର୍ଣ ରୂପେ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲା ତଥାପି ଚୀନ ଭାରତ ଉପରେ ହଠାତ୍ ଆକ୍ରମଣ କରିଥିଲା । ଚୀନ ର ଛଳନା, ପ୍ରତାରଣା ଓ ବିଶ୍ୱାସଘାତକତା ପାଇଁ ଭାରତ ର ଅର୍ଥନୀତି,ସାମରିକ ଓ ବେସାମରିକ ସ୍ତର ରେ କ୍ଷତି ସହିବାକୁ ପଡିଥିଲା । ତା ପରେ ୧୯୭୬,୧୯୮୬ ଏବଂ ୧୯୮୮ ରେ ସମ୍ପର୍କ ସୁଧାରିବା ପାଇଁ ଆମ ଦେଶ ପ୍ରୟାସ କରିଥିଲା ।ଚୀନ ର ପ୍ରକୃତି ବିଷଧର ସର୍ପ ସଦୃଶ । ବିଷଧର ସର୍ପ କୁ ଯେତେ ବି ଦୁଗ୍ଧ ପାନ କରାଇଲେ ମଧ୍ୟ ଦଂଶନ ପ୍ରକୃତି ପରିହାର କରି ନଥାଏ । ଠିକ୍ ସେହିପରି ଚୀନ ସଦା ସର୍ବଦା ନିଜର ପତିଆରା ବୃଦ୍ଧି କରିବାକୁ ଚେଷ୍ଟିତ ଓ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବା ତାର ମୁଖ୍ୟ ଲକ୍ଷ୍ୟ । ତେଣୁ ଭାରତ ର ଶାନ୍ତି ର ବାର୍ତ୍ତା ଚୀନ ବୁଝିବାକୁ ଅସମର୍ଥ ।

ଚୀନ କୋଣସି ଅଂଚଳ ସମ୍ପୂର୍ଣ କବଜା ନ କରି ଧୀରେ ଧୀରେ ଅକ୍ତିଆର କରି ସାମ୍ରାଜ୍ୟ ବିସ୍ତାର କରେ । ଏହାକୁ ସାଲାମୀ ଯୋଜନା କୁହାଯାଏ । ୨୦୧୭ ରେ ଦୋକଲାମ ବିବାଦ ରେ ଚୀନ ବିରୋଧ ରେ ଭୁଟାନ କୁ ଭାରତ ସମର୍ଥନ ଜଣାଇଥିଲା । ଚୀନ କସଗର ଠୁଁ ବାଲୁଚିସ୍ଥାନ ପ୍ରଯ୍ୟନ୍ତ ପାକିସ୍ତାନ କୁ ହାତରେ ରଖି ପ୍ରଧାନ ମାର୍ଗ କରୁଛି । ଆତଙ୍କବାଦୀ ମାନଙ୍କୁ ପ୍ରତେକ୍ଷ୍ୟ ଓ ପରୋକ୍ଷ ରେ ସମର୍ଥନ କରୁଛି ଏବଂ ତାର ପୃଷ୍ଟପୋଷକତା ପାଇଁ ପାକିସ୍ତାନ ଓ ଅନ୍ୟ ଦେଶ ଯେଉଁମାନେ ଆତଙ୍କବାଦୀ ମାନଙ୍କୁ ନିଜ ଦେଶର ଶରଣ ଦେଇଛନ୍ତି ସେହି ମାନଙ୍କର ଶକ୍ତି,ସାମର୍ଥ୍ୟ ବୃଦ୍ଧି ବିପୁଳ ପାଣ୍ଠି ଯୋଗାଉଛି ଚୀନ । ସିକିଉରିଟି କାଉନସିଲ ରେ ଭିଟୋ ପାୱାରର ଅପବ୍ୟବହାର କରି ଚାରୋଟି (୪ଟି )ରାଷ୍ଟ୍ର ଙ୍କ ସମର୍ଥନ ସତ୍ତ୍ୱେ ଭାରତ କୁ ସ୍ଥାୟୀ ସଦସ୍ୟ ରୂପେ ଅନ୍ତର୍ଭୁକ୍ତ କରୁ ନାହିଁ । ମାସୁଦ ଆଜରକୁ ଚୀନ ଆତଙ୍କବାଦୀ ବୋଲି ସ୍ୱୀକାର କରୁ ନାହିଁ । ଚୀନ ବ୍ରହ୍ମପୁତ୍ର ଜଳ ବିବାଦ ରେ ମଧ୍ୟ ସମ୍ପୃକ୍ତ । ଜୁନ –୧୫, ୨୦୨୦ ମସିହାରେ ଗଲୱାନ ହଟ ସ୍ପ୍ରିଙ୍ଗ ଉପତ୍ୟକା ରେ ଭାରତ ଓ ଚୀନ ସେନା ଙ୍କ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଭାରତ ପ୍ରତିରକ୍ଷା ବିଭାଗ ର ତଥ୍ୟ ଅନୁସାରେ ଏହି ଗଲୱାନ ଘଟଣା ରେ ଆମ ଦେଶ ର ବୀର, ସାହସୀ, ଲଢୁଆ ୨୦ ରୁ ଅଧିକ ଯବାନ ସହୀଦ ହୋଇଥିଲେ । ଅହଂକାରୀ ଏକଛତ୍ରବାଦୀ ଶାସକ ରାଷ୍ଟ୍ରପତି ଜିନ ପିଙ୍ଗ ଙ୍କ କମ୍ୟୁନିଷ୍ଟ ବାଦୀ ଚିନ୍ତାଧାରା ଏବଂ ଏକ ଛତ୍ରବାଦୀ ଦମନ ନୀତି ଦିନେ ଚୀନ କୁ ସର୍ବସ୍ୱାନ୍ତଃ କରିଦେବ । ଏଥିରେ ସନ୍ଦେହ ର ଅବକାଶ ନାହିଁ । ଭାରତ ୨୦୧୯ ରେ କର୍ଣ୍ଣଲ ଚେଅତୁ ରିନଚୈନ ସେତୁ ନିର୍ମାଣ କରିଛି । ଚୀନ ର strings pearls theory ଆପଣେଇ ଭାରତ ମହାସାଗର ରୁ ଭାରତ କୁ ଘେରିଛି । ତା ପାଇଁ ଭାରତ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ସହ ମିଶି ଚତୁରଭୁଂଜିୟ ସଂଘ ସ୍ଥାପନା କରିଛି । ମାଲବାର ଏକସର ସାଇଜିକୁ ସୁଦୃଢ କରି ଅଷ୍ଟ୍ରେଲିଆ, ସିଙ୍ଗାପୁର କୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି । ମୌସମ ପରିକଳ୍ପନା,ସାଗରମାଳା ପରିକଳ୍ପନାକୁ ଗୁରୁତ୍ୱ ଦେଇଛି । string of flower theroy ଦ୍ୱାରା ଚୀନ ର ଯେଉଁଠି ବନ୍ଦର ନିର୍ମାଣ କରୁଛି, ସେହି ସ୍ଥାନରେ ଭାରତ ତାର ନିଜର ବନ୍ଦର ନିର୍ମାଣ କରିଛି । ପାର୍ବତ୍ୟ ଉଚ୍ଚ ଅଂଚଳ ରେ ଭାରତ ନିଜର ସ୍ଥଳସେନା କୁ ଅଧିକ ସକ୍ରିୟ କରିଛି । ବ୍ରହ୍ମଶ ୧ ୨୧-ଗଓଏ ୨୯ସ୍ପ ପରି ବିମାନ ସଜାଗ ରହିଛି ।

ସଦ୍ୟତମ ଘଟଣା ପୁଣି ଥରେ ଚୀନ ର ବିଶ୍ୱାସଘାତକତା ଏବଂ ପ୍ରତାରଣା କୁ ପ୍ରମାଣିତ କରିଛି । ଗତ ସପ୍ତାହ ରେ ଜୁହାଂଶବର୍ଗ ରେ ହୋଇଥିବା ବ୍ରିକ ସମ୍ମିଳନୀ ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ ରାଷ୍ଟ୍ରପତି ସି- ଜିନପିଙ୍ଗ ମଧ୍ୟରେ ସୀମା ବିବାଦ ର ସମାଧାନ ପାଇଁ ଆଲୋଚନା ହୋଇଥିଲା ଏବଂ ଉଭୟ ରାଷ୍ଟ୍ର ଏଥିରେ ସହମତି ପ୍ରକାଶ କରିଥିଲେ କିନ୍ତୁ ଚୀନ ନିଜର ଅଭ୍ୟାସଗତ ବିଶ୍ୱାସଘାତକ ପ୍ରବୃତି ରୁ ନିବୃତ ହୋଇନାହିଁ । ଚୀନ ପୁଣି ଥରେ ୨୮ଅଗଷ୍ଟ ୨୦୨୩ ସୋମବାର ଦିନ ସରକାରୀ ଭାବେ ଏକ ନୂଆ ମାନଚିତ୍ର ଜାରି କରିଛି । ଏଥିରେ ଆମ ଦେଶର ଅରୁଣାଚଳ ପ୍ରଦେଶ କୁ ନିଜର ଅଞ୍ଚଳ ଦର୍ଶାଇଛି । ଅରୁଣାଚଳ କୁ ଦକ୍ଷିଣ ତିବତ ଭାବେ ନିଜର ଅଂଚଳ ଦର୍ଶାଇଛି । ଖାଲି ଅରୁଣାଚଳ ପ୍ରଦେଶ ନୁହେଁ ଅକ୍ସାଇ ଚୀନ,ତାଇୱାନ ଏବଂ ବିବାଦୀୟ ଦକ୍ଷିଣ ଚୀନ ସାଗର କୁ ଚୀନ ନୂଆ ମାନଚିତ୍ର ରେ ସ୍ଥାନିତ କରିଛି । ଚୀନ ର ପ୍ରାକୃତିକ ସମ୍ପଦ ମନ୍ତ୍ରାଳୟ ଦ୍ୱାରା ଏହି ମାନଚିତ୍ର ଜାରି ହୋଇଛି । ବିଂଶ ଶତାବ୍ଦୀ ର ଭାରତ କୁ ଚୀନ ଭୟଭୀତ କରିବାର ଅଭିଳାଷା ମନ ଭିତରୁ ସମ୍ପୂର୍ଣ ପରିହାର କରିବା ଉଚିତ । ଶତ୍ରୁକୁ ଦୃଢ଼ ହସ୍ତରେ ଦମନ କରିବା ରେ ଭାରତ ସିଦ୍ଧହସ୍ତ । ଶାନ୍ତି ଚୁକ୍ତି କୁ ଚୀନ ଯଦି ଆମର ଦୁର୍ବଳତା ଭାବୁଛି ତାହେଲେ ଭାରତର ଲଢୁଆ,ସାହସୀ, ଯବାନ ମାନେ ଏହାକୁ ଦୃଢ଼ ହସ୍ତରେ ଦମନ କରିବାକୁ ପଛ ଘୁଞ୍ଚା ଦେବେନାହିଁ । ଯଦି ଆମ ଦେଶର ସୁରକ୍ଷା,ଅଖଣ୍ଡତା ଏବଂ ସାର୍ବଭୌମତା କୁ କ୍ଷତି ପହଞ୍ଚବା ପରି ଚୀନ କୌଣସି କାର୍ଯ୍ୟ କରେ ଏହାକୁ ବରଦାସ୍ତ କରାଯିବ ନାହିଁ ।

ଗୋପାଳପୁର,, ବାଲେଶ୍ୱର
ମୋ-୭୦୨୦୬୧୧୩୦୦

# ଓଡ଼ିଶାର କ୍ରୀଡ଼ାକ୍ଷେତ୍ର ଓ ଚାମ୍ପିଅନ୍ ପ୍ରତିଭା



ବିପିନ ବିହାରୀ ରାଉତ

ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶା ବିଶେଷ କରି କ୍ରୀଡ଼ା କ୍ଷେତ୍ରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିଛି । ଏକ ଦଶନ୍ଧିର ସୀମିତ ଅବଧି ମଧ୍ୟରେ ଓଡ଼ିଶା ଜାତୀୟ କ୍ରୀଡ଼ା ଦୃଶ୍ୟପଟରେ ଗଢ଼ିଛି ନିଜର ସ୍ୱତନ୍ତ୍ର ପରିଚୟ । ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ସାଙ୍ଗକୁ କ୍ରୀଡ଼ାବିତ ମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଯୋଗାଇ ଦେବାରେ ଆଦୌ କୁଣ୍ଠା ପ୍ରକାଶ କରିନାହିଁ । ଏଥିପାଇଁ ବିନିଯୋଗ ହୋଇଛି ହଜାର ହଜାର କୋଟି ଟଙ୍କା । ତୃଣମୂଳ ସ୍ତରରୁ ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଚୟନ କରାଯାଇ ଦିଆଯାଇଛି ସ୍ୱତନ୍ତ୍ର ପ୍ରଶିକ୍ଷଣ । ଏ ପରିଶ୍ରମ କେବେ ବୃଥା ଯିବ ନାହିଁ । ଆଗାମୀ ଦିନରେ ଓଡ଼ିଶାରୁ ବାହାରିବେ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ । ଏହା କଳ୍ପନା ନୁହେଁ ବାସ୍ତବତା । କାରଣ ବିଶ୍ୱ ଚାମ୍ପଅନ ସୃଷ୍ଟି କରିବାର ଯେଉଁ ଭିତ୍ତିଭୂମି ଓ ପ୍ରଶିକ୍ଷଣର ଆବଶ୍ୟକତା ରହିଛି, ତାହାର ଅଭାବ ଆଉ ଓଡ଼ିଶାରେ ନାହିଁ ।

ଓଡ଼ିଶାରେ ଆଧୁନିକ କ୍ରୀଡ଼ା ହକି, ଆଥଲେଟିକ୍ସ, ଟେନିସ, ଫୁଟବଲ ପ୍ରଭୃତିର ପରମ୍ପରା ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଆରମ୍ଭ ହେବାର ନଜିର ମିଳେ । ଖେଳ ଥିଲା, ଖେଳାଳି ଥିଲେ ଏବଂ ଖେଳ ପଡ଼ିଆ ବି ଥିଲା ମାତ୍ର ଜାତୀୟ ସଫଳତା ଠାରୁ ଓଡ଼ିଶା ବହୁ ପଛରେ ରହିଥିଲା । ତଥାପି ଆମେ ମୀନତି ମହାପାତ୍ର, ରଚିତା ମିସ୍ତ୍ରୀ ପଣ୍ଡା, ଅନୁରାଧା ବିଶ୍ୱାଳ, ବିଜୟ କୁମାର ଶତପଥୀ, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଜ୍ୟୋତି ସୁନୀତା କୁଲୁ, ଇଗ୍ନେସ ତିର୍କୀ, କେ.ରବି.କୁମାର, ଦୁତି ଚାନ୍ଦ, ପ୍ରମୋଦ ଭଗତ, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପଗ୍ରେସ ଏକ୍କା, ଅମିୟ କୁମାର ମଲ୍ଲିକଙ୍କ ଠାରୁ କିଶୋର କୁମାର ଜେନାଙ୍କ ପର୍ଯ୍ୟନ୍ତ ଏକାଧିକ ପ୍ରତିଭାବାନ ଅନ୍ତର୍ଜାତୀୟ କ୍ରୀଡ଼ାବିତ ସୃଷ୍ଟି କରିବାରେ ସଫଳ ହୋଇଛୁ । ବହୁ ଅଭାବ ଅସୁବିଧା ସତ୍ତ୍ୱେ ଏହି କ୍ରୀଡ଼ାବିତମାନେ ଦେଶକୁ ଗୌରବାନ୍ୱିତ କରିଛନ୍ତି । କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ, କ୍ରୀଡ଼ା ଆୟୋଜନ ଏବଂ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଦେଶରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛି । ଏ ହି ଆଧାରରେ କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହେଲା ୬ ହଜାର ଦର୍ଶକ ଧାରଣ ବିଶିଷ୍ଟ ଏକ ହକି ଷ୍ଟାଡିୟମ । ନବନିର୍ମିତ ହକି ଷ୍ଟାଡିୟମରେ ୨୦୧୪ ଜାନୁଆରୀ ମାସରୁ ହକି ଇଣ୍ଡିଆ ଲିଗ ଆରମ୍ଭ ହେଲା ନୂଆ ହକି ପର୍ବ । ୨୦୨୨-୨୩ରେ ୯୧୧ କୋଟି ଏବଂ ୨୦୨୩-୨୪ରେ ବଜେଟ ୧୨୧୭ କୋଟି ରହିଥିଲା । ଯାହା ଜାତୀୟ କ୍ରୀଡ଼ା ବଜେଟର ୩୩୯୭.୩୨ କୋଟି ଅଧା କହିଲେ ଭୁଲ ହେବନାହିଁ । ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦେଶର 'କ୍ରୀଡ଼ାହବ୍' ଏବଂ ଭୁବନେଶ୍ୱରକୁ ଦେଶର 'କ୍ରୀଡ଼ା ରାଜଧାନୀ' ଭାବେ ଗଢ଼ି ତୋଳିବା ନେଇ ବିଭିନ୍ନ ଯୋଜନା ହାତକୁ ନେଲେ । ଏହାପରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗଢ଼ି ଉଠିଲା ଗୋଟିଏ ପରେ ଗୋଟିଏ କ୍ରୀଡ଼ା ଭିତ୍ତିଭୂମି । ରାଜ୍ୟ ସରକାର ବିଭିନ୍ନ ଉଦ୍ୟୋଗଙ୍କ ସହ ଚୁକ୍ତି ସ୍ୱାକ୍ଷର କରି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ଏବଂ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଖୋଲିଛନ୍ତି । ପରେ ରିଲାଏନ୍ସ ସହଯୋଗରେ ଆଥଲେଟିକ, ଜେଏସଡବ୍ଲ୍ୟୁ ସହଯୋଗରେ ସନ୍ତରଣ, ଅଭିନବ ବିନ୍ଦ୍ରାଙ୍କ ସହାୟତାରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଗଗନ ନାରଙ୍ଗଙ୍କ ସହାୟତାରେ ସୁଟିଂ, ଉତ୍କର୍ଷ କେନ୍ଦ୍ର ଏବଂ ଅନ୍ୟ ଉଦ୍ୟୋଗମାନଙ୍କ ସହଯୋଗରେ ଭାରୋତ୍ତୋଳନ, ଜିମ୍ନାଷ୍ଟିକ, ବ୍ୟାଡ଼ମିଣ୍ଟନ, ଫୁଟବଲ ପ୍ରଭୃତି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ହୋଇଛି । ଦର୍ଶକ ଧାରଣ କ୍ଷମତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଆଧାର କରି ରାଉରକେଲାରେ ନିର୍ମିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗିନିଜ ବୁକ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଛି । ଯାହା ଓଡ଼ିଶା ପାଇଁ ଗର୍ବର ବିଷୟ । ୨୬୦ କୋଟି ଟଙ୍କାରେ ଏହି ଷ୍ଟାଡିୟମ ମାତ୍ର ୧୫ ମାସ ମଧ୍ୟରେ ନିର୍ମାଣ ହୋଇଥିଲା । ମୁଖ୍ୟ କଳିଙ୍ଗ ଷ୍ଟାଡିୟମ (ଆଥଲେଟିକ୍ସ ଓ ଫୁଟବଲ)ର ପଶ୍ଚିମ ପାର୍ଶ୍ୱକୁ ଆଥଲେଟିକ ଓ ଫୁଟବଲ ଅଭ୍ୟାସ ପଡ଼ିଆ ଏବଂ ଏହାର ପଶ୍ଚିମ ପାର୍ଶ୍ୱକୁ ନିର୍ମାଣ ହୋଇଛି ଦେଶର ପ୍ରଥମ ଆଥଲେଟିକ୍ସ ଇନଡୋର ଷ୍ଟାଡିୟମ । ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଟେନିସ କୋର୍ଟ ରହିଥିଲା । କିନ୍ତୁ ଟେନିସକୁ ନେଇ ଅତ୍ୟାଧୁନିକ ବ୍ୟବସ୍ଥା ନଥିଲା । ୧୨୦୦ରୁ ଉର୍ଦ୍ଧ୍ୱ ଦର୍ଶକ ବସି ମ୍ୟାଚ ଦେଖିପାରିବା ଭଳି ଏକ ଷ୍ଟାଡିୟମ ନିର୍ମିତ ହୋଇଛି । ଏଠାରେ ଚଳିତ ବର୍ଷ ଜୁନିୟର ବର୍ଗରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଷ୍ଟାଡିୟମରେ ଖେଳାଳିଙ୍କ ପାଇଁ ସମସ୍ତ ଆଧୁନିକ ସୁବିଧା ରହିଛି । ୨୦୧୪ରେ ହକି ଚାମ୍ପିଅନ୍ସ ଟ୍ରଫି, ୨୦୧୭ରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ, ୨୦୧୯ରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିଅନସିପ, ୨୦୧୮ ଓ ୨୦୨୩ରେ କ୍ରମାନ୍ୱୟରେ ଦୁଇଥର ପୁରୁଷ ହକି ବିଶ୍ୱକପ, ୨୦୨୧ରେ ଜୁନିୟର ହକି ବିଶ୍ୱକପ, ୨୦୨୨ରେ ୧୭ ବର୍ଷରୁ କମ ଫିଫା ମହିଳା ବିଶ୍ୱକପ, ସାଫ ୨୦ ବର୍ଷରୁ କମ ଚାମ୍ପିଅନସିପ, ଇଣ୍ଟର କଣ୍ଟିନେଣ୍ଟାଲ କପ-୨୦୨୩, ମହିଳା ଗୋଲ୍ଡ କପ ପ୍ରଭୃତି ପ୍ରତିଯୋଗିତାର ସଫଳ ଆୟୋଜନ କରି ଓଡ଼ିଶା ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବିଶେଷ କରି ୨୦୧୮ ଓ ୨୦୨୩ ହକି ବିଶ୍ୱକପ ଆୟୋଜନ କରି ବିଶ୍ୱରେ ଓଡ଼ିଶା ଅଧିକ ପ୍ରଶଂସିତ ହୋଇପାରିଥିଲା । ରାଜ୍ୟ ସରକାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ଯାଜପୁର ଓ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରୁଛନ୍ତି । କେବଳ ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ବିଛା ଯାଉଛି । ସାରା ରାଜ୍ୟରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି । ରାଜ୍ୟରେ ଏ ପର୍ଯ୍ୟନ୍ତ ଯେତିକି କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହୋଇଛି ସେଥିପାଇଁ ୨୫୦୦ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହୋଇ ସାରିଲାଣି । ଓଡ଼ିଶାର ବିଭିନ୍ନ ଶିକ୍ଷାୟତନରେ ନିକଟରେ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ କଟକ ସିଡିଏ ସେକ୍ଟର ଆଠସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି । ସୂଚନାଥାଉକି ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦ ସିଂହଙ୍କ ତାଙ୍କର ପବିତ୍ର ଜନ୍ମ ତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି । କାର୍ଯ୍ୟକ୍ରମରେ ସାହିତ୍ୟିକ, କବୟିତ୍ରୀ ତଥା ନାଳନ୍ଦା ପବ୍ଲିକ ସ୍କୁଲର ଅଧକ୍ଷା ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆମ ଦୈନନ୍ଦିନ ଜୀବନରେ କ୍ରୀଡ଼ା ଓ ବିଭିନ୍ନ ଶାରୀରିକ କାର୍ଯ୍ୟକଳାପର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସଚେତନ କରାଇବା ସହ କ୍ରୀଡ଼ା ଏଭଳି ଏକ ମାଧ୍ୟମ ଯାହାଦ୍ୱାରା ବିଶେଷକରି କୋମଳମତି ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ, ଅଭିବୃଦ୍ଧିସମ୍ପନ୍ନ, ଦକ୍ଷ ସମର୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହା ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ଲାଗି ପ୍ରୋତ୍ସାହିତ କରୁଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ ଓ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ । ସୂଚନାଥାଉକି ଏହି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରିବା ସହ ଅନେକ ବିଦ୍ୟାର୍ଥୀ ରାଜ୍ୟ ଓ ଜାତୀୟସ୍ତରୀୟ କ୍ରୀଡ଼ା ସମୂହରେ ଯୋଗ ଦେଇ ସଫଳତା ପାଇବା ସହ କେବଳ ବିଦ୍ୟାଳୟର ନୁହେଁ ରାଜ୍ୟର ଗୌରବକୁ ଅଭିବୃଦ୍ଧି କରିଛନ୍ତି । ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମାସରେ ଜିମ୍ନାଷ୍ଟିକ ଉତ୍କର୍ଷ କେନ୍ଦ୍ରର ଉଦଘାଟନ କରିଥିଲେ । ଜିମ୍ନାଷ୍ଟିମାନେ ଏଠାରେ ରହି ନିୟମିତ ଅଭ୍ୟାସ କରିବାର ବ୍ୟବସ୍ଥା କରାଯାଇଛି । ଭାରତୀୟ ହକିର ପୁନରୁତ୍ଥାନରେ ଓଡ଼ିଶାର ରହିଛି ପ୍ରମୁଖ ଭୂମିକା । ୨୦୧୮ରେ ଓଡ଼ିଶା ହକି ଇଣ୍ଡିଆର ମୁଖ୍ୟ ପ୍ରାୟୋଜକ ପାଇଁ ୫ ବର୍ଷିଆ ଚୁକ୍ତି କରିଥିଲେ । କେବଳ ହକି ନୁହେଁ ରଗବୀ ଓ ଫୁଟବଲକୁ ମଧ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । କୌଣସି ଜାତୀୟ ସ୍ତରର କ୍ରୀଡ଼ାର ମୁଖ୍ୟ ପ୍ରାୟୋଜକ ହେବା କ୍ଷେତ୍ରରେ ଓଡ଼ିଶା ପ୍ରଥମ ରାଜ୍ୟ । ଓଡ଼ିଶା କେବଳ ଭିତ୍ତିଭୂମି ନିର୍ମାଣ, କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ସୀମିତ ରହିନାହିଁ । ତୃଣମୂଳ ସ୍ତରରୁ କ୍ରୀଡ଼ାବିତ ବାହାର କରିବା ନେଇ ପ୍ରୟାସ ଜାରି ରଖିଛି । ସେମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦେଇ ଭବିଷ୍ୟତ ପାଇଁ ମଧ୍ୟ ପ୍ରସ୍ତୁତ କରୁଛି । ଓଡ଼ିଶା ଆଥଲେଟିକ୍ ଇତିହାସରେ ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଯୋଡ଼ିଛନ୍ତି ନୂଆ ଫର୍ଦ୍ଦ । ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପର ଫାଇନାଲକୁ ଉନ୍ନୀତ ହେବା ଏବଂ ଫାଇନାଲରେ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପଞ୍ଚମ ସ୍ଥାନ ହାସଲ କରିବା କମ ଗୌରବର ବିଷୟ ନଥିଲା । ପ୍ରଥମ ଓଡ଼ିଆ ଭାବେ ସେ ବିଶ୍ୱ ଚାମ୍ପିଅନସିପ ଫାଇନାଲିଷ୍ଟ ତାଲିକାରେ ସ୍ଥାନ ପାଇଥିଲେ । ଓଡ଼ିଶାର କ୍ରୀଡ଼ା ପ୍ରତିଭାମାନେ ସମଗ୍ର ବିଶ୍ୱରେ ନିଜର, ରାଜ୍ୟର ଓ ଦେଶର ଗୌରବ ବୃଦ୍ଧିରେ ଆଗେଇ ଚାଲିଛନ୍ତି । ସେମାନଙ୍କର ସଫଳତାର ଯାତ୍ରା ଆହୁରି ଆଗକୁ ବଢ଼ି ଚାଲୁ ।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩

# ବଦଳିବ ପୁରୁଣା ଦଣ୍ଡ ସଂହିତା



ଗୋପାଳ ମହାପାତ୍ର

ଆମ ଦେଶରେ କେଉଁ ଅପରାଧ ପାଇଁ କଣ ଦଣ୍ଡ ଦିଆଯିବ ତାହା ଭାରତୀୟ ଦଣ୍ଡ ସଂହିତା ଦ୍ୱାରା ହିଁ ସ୍ଥିର କରାଯାଇଥାଏ । ଦଣ୍ଡ ସଂହିତାରେ ୫୦୦ରୁ ଅଧିକ ଧାରା ରହିଛି ଓ ଭିନ୍ନ ଭିନ୍ନ ଅପରାଧ ପାଇଁ ଦଣ୍ଡ ବାବଦରେ ଉଲ୍ଲେଖ ରହିଛି । ପାଖାପାଖି ୧୬୦ ବର୍ଷର ପୁରୁଣା ଏହି ଦଣ୍ଡ ସଂହିତାରେ ଅନେକ ସମୟରେ ପରିବର୍ତ୍ତନ କରାଯାଇଛି, କିନ୍ତୁ ଏହାର ମୂଳ ସ୍ୱରୂପ ବଦଳି ନାହିଁ । ଏବେ କେନ୍ଦ୍ର ସରକାର ଏହି ଦଣ୍ଡ ସଂହିତାରେ ବ୍ୟାପକ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ସଂସଦର ମୌସୁମୀ ଅଧିବେଶନ ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକସଭାରେ ଭାରତୀୟ ଦଣ୍ଡ ସଂହିତା (ଆଇ.ପିସି), ଦଣ୍ଡ ପ୍ରକ୍ରିୟା ସଂହିତା (ସି.ଆର.ପିସି) ଏବଂ ସାକ୍ଷ ଅଧିନିୟମ (ଏଭିଡେନସ ଆକ୍ଟ) ବଦଳରେ ୩ ନୂଆ ଆଇନ ଅଣାଯିବା ପାଇଁ ବିଧାୟକ ଆଗତ କରିଥିଲେ । ସଂସଦୀୟ ପ୍ରକ୍ରିୟା ପୂରଣ ହେବା ପରେ ଏହି ୩ ନୂଆ ଆଇନ୍ କାର୍ଯ୍ୟକାରୀ ହେବ । ଏଯାବତ୍ ୧୮୬୦ ମସିହାରେ ଇଂରେଜ ମାନେ ପ୍ରଣୟନ କରିଥିବା ଆଇନର ଆଧାରରେ ଦେଶର ଅପରାଧିକ ନ୍ୟାୟ ପ୍ରଣାଳି ଚାଲି ଆସୁଛି । ନୂଆ ଆଇନ୍ କାର୍ଯ୍ୟକାରୀ ହେଲେ ପୁରୁଣା ଆଇନ୍‌ର ପରିବର୍ତ୍ତନ ହେବ । ନୂଆ ଆଇନ୍‌ରେ ମହିଳା ମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏକଥା ମଧ୍ୟ ସତ୍ୟ ଯେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ବିଧାୟକ ଆଗତ କରିଛନ୍ତି ତାହା ସମୟରେ ଆବଶ୍ୟକତା । ଏବେର ଆଇନ୍ ଅନୁସାରେ କାହାରିକୁ ଅପରାଧି ଭାବେ ଗିରଫ କରାଗଲେ କେତେ ସମୟ (ଦିନ) ମଧ୍ୟରେ ମାମଲାର ବିଚାର ସରିବ ସେ ବାବଦରେ କିଛି ଉଲ୍ଲେଖ ନାହିଁ । କିନ୍ତୁ ନୂଆ ଆଇନ୍ ଅନୁସାରେ ଟ୍ରାଏଲ୍ କୋର୍ଟକୁ ୩ ବର୍ଷ ମଧ୍ୟରେ ବିଚାର କରିବାକୁ ପଡିବ । ଅନ୍ୟ ପକ୍ଷରେ ରାଜଦ୍ରୋହ ଆଇନ୍ ବଦଳରେ ଦେଶଦ୍ରୋହ ଆଇନ୍ କାର୍ଯ୍ୟକାରୀ ହେବ । ଭାରତୀୟ ଦଣ୍ଡ ସଂହିତାର ଅନେକ ଧାରାକୁ ବାଦ୍ ଦିଆଯାଇ ୩୫୬ଟି ଧାରା ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ । କିଛି ନୂଆ ରଖାଯିବ ଓ ଶହେରୁ ଅଧିକ ଧାରାକୁ ପରିବର୍ତ୍ତନ କରାଯିବ । କିଛି ନୂଆ ଧାରା ମଧ୍ୟ ଯୋଡାଯିବ । ଛୋଟ ଛୋଟ ଅପରାଧ ପାଇଁ ଜେଲକୁ ପଠାଯିବା ପରିବର୍ତ୍ତେ ଦଣ୍ଡ ସ୍ୱରୂପ ସାମୁଦାୟିକ ସେବାର ପ୍ରାବଧାନ ରଖାଯିବ । ଏହିଭଳି ମବ୍ ଲିଞ୍ଚିଙ୍ଗ୍, ଲଭ ଜିହାଦ ଭଳି ମାମଲାରେ କଠିନ ଦଣ୍ଡର ବ୍ୟବସ୍ଥା ନୂଆ ଆଇନ୍‌ରେ ରହିଛି । ଦେଶର ଯେ କୌଣସି ସ୍ଥାନରେ ଏଫ୍.ଆଇ.ଆର୍ ଦରଜ କରାଯାଇ ପାରିବା ଭଳି ଅନେକ ପ୍ରାବଧାନ ରହିଛି । ଏହା ଫଳରେ ଅଦାଲତରେ ମାମଲାର ବୋଝ କମିବ ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଯଦି ଅଧିବେଶନ ପ୍ରାରମ୍ଭରେ ଏହି ବିଧେୟକକୁ ଆଗତ କରିଥାନ୍ତେ ତେବେ ଲୋକସଭାରେ ଗୃହୀତ ହେବା ସହ ରାଜ୍ୟ ସଭାରେ ଗୃହୀତ ହୋଇପାରିଥା'ା । ଏବେ ଶୀତକାଳୀନ ଅଧିବେଶନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଅନେକ ଆଇନ୍ ବିଶାରଦ ଏହାକୁ ସ୍ୱାଗତ କରିଛନ୍ତି । ମୁଖ୍ୟ କଥା ହେଉଛି ବର୍ତ୍ତମାନର ପ୍ରଚଳିତ ଆଇନ୍ ୧୦୦ ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିଲା ଓ ସମାଜର ବର୍ତ୍ତମାନର ସ୍ଥିତି ଅନୁସାରେ ଏଥିରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି । ଦେଶ ସ୍ୱାଧୀନ ହେବା ପରେ ଇଂରେଜ ମାନଙ୍କ ଦ୍ୱାରା ପ୍ରଣୀତ ଅନେକ ଦେୱାନୀ ଏବଂ ଫୌଜଦାରୀ ଆଇନକୁ ଯଥାବତ୍ ସ୍ୱୀକାର କରାଯାଇଥିଲା । ଯଦିଓ ଅନେକ ସମୟରେ ଏଥିରେ କିଛି ସଂଶୋଧନ କରାଯାଇଥିଲା ତଥାପି ଆଇନ୍‌ର ମୂଳ ଢାଞ୍ଚା ଇଂରେଜ ଶାସନ ବେଳର ରହିଛି । ନ୍ୟାୟାଳୟର କାର୍ଯ୍ୟ ପ୍ରଣାଳୀରେ ମଧ୍ୟ ଔପନିବେଶିକ ସମୟର ଛାପ ରହିଛି । ବର୍ତ୍ତମାନ ସରକାର ନୂଆ ଆଇନ୍ ପାଇଁ ଯେଉଁ ବିଧେୟକ ଆଗତ କରିଛନ୍ତି ସେଥିରେ ମବ୍ ଲିଞ୍ଚିଙ୍ଗ୍ ଏବଂ ନାବାଳିକା ଙ୍କୁ ଦୁଷ୍କର୍ମ ଘଟଣାରେ ମୃତ୍ୟୁ ଦଣ୍ଡର ପ୍ରାବଧାନ ରଖାଯାଇଛି । ସରକାର ମବ୍ ଲିଞ୍ଚିଙ୍ଗ୍‌କୁ ହତ୍ୟା ବୋଲି ପରିଭାଷିତ କରିଛନ୍ତି । ଯେତେବେଳେ ୫ରୁ ଅଧିକ ଲୋକ ବା ଗୋଷ୍ଠୀ ଜାତି, ସମୁଦାୟ, ଲିଙ୍ଗ, ଭାଷାକୁ ଆଧାର କରି କାହାରିକୁ ହତ୍ୟା କରିଥାନ୍ତି ତାକୁ ମବ୍ ଲିଞ୍ଚିଙ୍ଗ୍ କୁହାଯାଇଥାଏ । ଏଥିପାଇଁ ଅପରାଧିଙ୍କୁ ୭ ବର୍ଷର ଜେଲଦଣ୍ଡ ଏବ ଅଧିକତମ ମୃତ୍ୟୁଦଣ୍ଡ ଏବଂ ଜୋରିମାନା ର ପ୍ରାବଧାନ ରଖାଯାଇଛି । ସାମୁହିକ ଦୁଷ୍କର୍ମ ମାମଲାରେ ଅପରାଧି ମାନଙ୍କୁ ୨୦ ବର୍ଷ ବା ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା କରାଯାଇଛି । ୧୮ ବର୍ଷର ଯୁବତୀ ସହ ଦୁଷ୍କର୍ମ ମାମଲାରେ ଅଧିକତମ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି ।

ନୂଆ ଆଇନ୍‌ରେ ଜାଲିଆତି କରି ଦେଶ ଛାଡି ବିଦେଶକୁ ପଳାଇ ଯାଉଥିବା ଅପରାଧିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା କରାଯାଇଛି । ନ୍ୟାୟଳୟରେ ଦେଶ ଛାଡି ପଳାଇ ଯାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତାଙ୍କ ଅନୁପସ୍ଥିତିରେ ମାମଲା ଚାଲି ପାରିବ ବୋଲି ନୂଆ ଆଇନରେ ଉଲ୍ଲେଖ ରହିଛି । ବର୍ତ୍ତମାନର ନ୍ୟାୟ ବ୍ୟବସ୍ଥାରେ ମାମଲାର ବିଚାର ସରିବା ପର୍ଯ୍ୟନ୍ତ କିଛି ଲୋକ ତାଙ୍କୁ ମିଳିବାକୁ ଥିବା ଦଣ୍ଡ ଅବଧି ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଜେଲରେ ବିଚାରାଧିନ କଏଦୀ ଭାବେ ବିତାଇଥାନ୍ତି । ଅନେକ ନିର୍ଦ୍ଦୋଷ ବ୍ୟକ୍ତି ମଧ୍ୟ ଜେଲରେ ସଢୁଛନ୍ତି । ଅନ୍ୟ ପକ୍ଷରେ ଦୋଷୀ ନିର୍ଦ୍ଦ୍ୱନ୍ଦରେ ବୁଲୁଛନ୍ତି । ଏକ ପ୍ରକାର ମାମଲାରେ ଜଣକୁ ତୁରନ୍ତ ଜାମିନ ମିଳି ଯାଉଥିବା ବେଳେ କେତେକଙ୍କୁ ଜାମିନ ମିଳିପାରୁନାହିଁ । କାରଣ ହେଉଛି ଜାମିନ ପାଇଁ ଓକିଲ ଦେବାକୁ ତାଙ୍କ ପାଖରେ ଅର୍ଥର ଅଭାବ । ଏଣୁ ଦଣ୍ଡ ପ୍ରକ୍ରିୟା ସହ ଅଦାଲତି ବ୍ୟବସ୍ଥାର ମଧ୍ୟ ପରିବର୍ତ୍ତନ ଆବଶ୍ୟକ । ନ୍ୟାୟାଳୟ ବା ଅଦାଲତଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ମାମଲା ବିଚାର ପାଇଁ ବିଧେୟକରେ ଯେଉଁ ପ୍ରାବଧାନ ରଖାଯାଇଛି ତାହା ସ୍ୱାଗତ ଯୋଗ୍ୟ ନିଷ୍ପତ୍ତି । ମୋଟାମୋଟି ଭାବେ କହିବାକୁ ଗଲେ ଦଣ୍ଡ ସଂହିତାରେ ପରିବର୍ତ୍ତନ ପାଇଁ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ଅନେକ ଚାଲେ ରହିଛି । ଏବେ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ଲମ୍ବିତ ହୋଇ ରହିଛି । ଅଦାଲତ ମାନଙ୍କରେ ଆବଶ୍ୟକ ସଂଖ୍ୟକ ବିଚାରପତି ପଦବୀ ଖାଲି ପଡିଛି । ଅପରାଧର ତଦନ୍ତ ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମୀଙ୍କର ଅଭାବ ମଧ୍ୟ ରହିଛି । ଏସବୁର ସମାଧାନ ନହେବା ପର୍ଯ୍ୟନ୍ତ ନୂଆ ଆଇନ୍‌ର କାର୍ଯ୍ୟକାରୀତା ନେଇ ମଧ୍ୟ ଅବ୍ୟବସ୍ଥା ଦେଖାଯିବ ।

ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି। ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ। ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି। ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ। ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋ ବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର।



ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**



ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।



# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ



ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହକାରୀ ପ୍ରାଧାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ



**ଅନିଲ କୁମାର ମିଶ୍ର**

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ ।

ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି। ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ। ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ। ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ। କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ। ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*

# କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।





କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର, ମୋ -୯୧୭୮୪୦୬୫୭)




# କାଡ଼ା କେନାଲ ଜବର ଦଖଲ ଅଭିଯୋଗ

ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ ଚୋରମୁହାଁ ପଂଚାୟତ ବଡ଼ ମଙ୍ଗଳପୁର(ଖପରାଖାଇ) ମୌଜାରେ ହୋଇଥିବା କାଡ଼ା କେନାଲକୁ ଜବରଦଖଲ କରାଯାଇଛି । ଏଥିପାଇଁ ଚାଷଜମିକୁ କେନାଲ୍ ପାଣି ଯାଇପାରୁନାହିଁ । ପାଣି ଅଭାବରୁ ଏବେ ଧାନଚାଷ ବାଧାପ୍ରାପ୍ତ ହୋଇଛି । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସଂତୋଷ ପ୍ରକାଶ ପାଇଛି । ଅଭିଯୋଗରୁ ପ୍ରକାଶ ଯେ, ଜାରକା ଜଳସେଚନ ଡିଭିଜନ ଅଧୀନସ୍ଥ ୧୪ନମ୍ବର କେନାଲରୁ କାଡ଼ା କେନାଲ ମାଧ୍ୟମରେ ନିକଟସ୍ଥ ଚାଷଜମିକୁ କେନାଲ ପାଣି ଯୋଗାଇ ଦିଆଯାଏ । ହେଲେ ବହୁବର୍ଷ ହେଲା ନାଉପାଳ ଗାଁ ନିକଟରେ କେତେକ ବ୍ୟକ୍ତି କାଡ଼ା କେନାଲକୁ ଜବରଦଖଲ କରିଛନ୍ତି । କାଡ଼ା କେନାଲକୁ ହାଣି ନିଜ ଚାଷଜମିରେ ମିଶାଇ ଦେଇଛନ୍ତି । ଫଳରେ କେନାଲ ପାଣି ଅବଶିଷ୍ଟ ଜମିକୁ ମାଡ଼ି ପାରୁନାହିଁ । ଚାଷୀ ଜଳକର ଦେଉଥିବା ବେଳେ ସେମାନଙ୍କ ଜମି ଜଳସେଚିତ ହୋଇ ପାରୁନାହିଁ । ଏନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । କାଡ଼ା କେନାଲ ନିର୍ମାଣ ସମୟରେ ଏହାର ଚଉଡ଼ା ୮ଫୁଟ୍(୧୨କଡ଼ି) ରହିଥିଲା । ଯେଉଁ କିଛି କାଡ଼ା କେନାଲ ରହିଛି ସେଥିମଧ୍ୟରୁ ଅଧିକାଂଶ ସ୍ଥାନରେ ଏବେ ଏହାର ଚଉଡ଼ା ୩ଫୁଟ୍‌ରୁ କମିଗଲାଣି । ସେହିପରି କେତେକ କାଡ଼ା କେନାଲ ଉପରେ ନିକଟରେ ରହୁଥିବା ଲୋକେ ପଥର, ବାଲି, ଗୋଡ଼ି ଆଦି ଗୃହ ନିର୍ମାଣ ସାମଗ୍ରୀ ଗଦେଇ ଦେଇଛନ୍ତି । ଏଥିରେ ପାଣିଯିବା ଆଉ ସମ୍ଭବ ହେଉନାହିଁ । ଜାମୁବଣିଆ ମୌଜାରେ କାଡ଼ା କେନାଲ ଉପରେ କୋଠାଘର ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି । ଉତର ଶାସନ ମୌଜାରେ କାଡ଼ା କେନାଲ ଚଉଡ଼ା ଦିନକୁ ଦିନ କମି ଯାଉଥିବା ଦେଖିବାକୁ ମିଳିଛି । ଆଉ କେତେକ ସ୍ଥାନରେ କାଡ଼ା କେନାଲ ଅବ୍ୟବହୃତ ହୋଇପଡ଼ିଛି । ଘାସ ସଫା ହେଉନଥିବାରୁ ଏଥିରେ ଆବଶ୍ୟକ ପରିମାଣର ପାଣି ତଳ ମୁଣ୍ଡକୁ ଯାଇ ପାରୁନାହିଁ । ଚାଷଜମିକୁ ଜଳସେଚିତ କରିବା ପାଇଁ ବହୁବର୍ଷ ପୂର୍ବେ ଜଳସେଚନ ବିଭାଗ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କାଡ଼ା କେନାଲ ନିର୍ମାଣ କରାଯାଇଛି । ହେଲେ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀ ଆଖି ବୁଜି ଦେଇଛନ୍ତି । ଏହାର ସୁଯୋଗରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଅଧିକାଂଶ କାଡ଼ା କେନାଲକୁ ଜବରଦଖଲ କରିଥିବା ଅଭିଯୋଗରେ ଦର୍ଶାଯାଇଛି । କାଡ଼ା କେନାଲର ପୁନରୁଦ୍ଧାର ଓ ଜବର ଦଖଲ ହଟାଇବା ପାଇଁ କୃଷକନେତା ଶ୍ୟାମସୁନ୍ଦର ଦାସ ଦାବି କରିଛନ୍ତି ।

## ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ଉପରେ ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ କମିଟି ଗଠନ

ନୂଆଦିଲ୍ଲୀ, (ପି.ଏନ): କେନ୍ଦ୍ର ସରକାର ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ବିଚାରକୁ ନେଇ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଛନ୍ତି । ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଶୁକ୍ରବାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ । ମିଳିଥିବା ସୂଚନା ଅନୁସାରେ, ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପ୍ରସଙ୍ଗ ଉପରେ ଗଠନ କରାଯାଇଥିବା ଏହି କମିଟି ଏ ସମ୍ପନ୍ଧରେ ବିଧେୟକ ଅଣାଯିବା ନେଇ ନିଜର ସୁପାରିଶ ଦେବ ।

# ଟିଟିଲାଗଡ଼ ସଂଇତଳା ଠାରେ କଂଗ୍ରେସ କର୍ମୀ ସମ୍ମିଳନୀରେ ଯୋଗ ଦେଲେ ପିସିସି ସଭାପତି ଶରତ ପଟ୍ଟନାୟକ

ଭୁବନେଶ୍ୱର,ପି.ଏନ (୬।୯(ପି.ଏନ) : ଆଜି ସଂଇତଳା ବ୍ଲକସ୍ଥିତ କଂଗ୍ରେସ ଭବନ ଠାରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ କମିଟି ସଭାପତି ଗୁଣସାଗର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମୀଳନୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜେଡ଼ି ଓ ବିଜେପି ର ଭିତରି ସଂପର୍କକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବେ ଅଭିହିତ କରି କଟାକ୍ଷ କରିଥିଲେ । ବିଶେଷ କରି ପଶ୍ଚିମ ଓଡ଼ିଶା ଓ ଟିଟିଲାଗଡ଼ର ସାମଗ୍ରୀକ ବିକାଶକୁ ଲଗାତାର ଭାବରେ ଅବେହଳା ପ୍ରଦର୍ଶନ କରିଛନ୍ତି । ବିଜେଡ଼ି ସରକାରଙ୍କ ୨୩ ବର୍ଷ ଶାସନରେ ସାଧାରଣ ଜନତାଙ୍କର ଯେତିକି ବିକାଶ ହୋଇନାହିଁ ତା'ଠାରୁ ଢ଼େର ଅଧିକା ଅବନତି ହୋଇଛି । ଏ ଦୁର୍ନୀତିଖୋର ସରକାରଙ୍କୁ ବିଦାୟ କରିବା ପାଇଁ ବର୍ତ୍ତମାନ କଂଗ୍ରେସ କର୍ମୀ ଓ ନେତାଙ୍କ ପ୍ରଥମ କର୍ତବ୍ୟ । ଆଗାମୀ ନିର୍ବାଚନରେ କଂଗ୍ରେସ ୯୦ ରୁ ଅଧିକ ସିଟ୍‌ରେ ଜିତି ସରକାର ଗଠନ କରିବ ଏବଂ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ପାଇବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ତେଣୁ ଆସ୍ନ୍ତୁ ସଂକଳ୍ପ ନେବା ଆମେ ସମସ୍ତେ ମିଶି ଏକାଠି ହୋଇ ବିଜେଡ଼ି ଓ ବିଜେପି ବିରୁଦ୍ଧରେ ସଂଗ୍ରାମ କରି କଂଗ୍ରେସ ଶାସନ କ୍ଷମତାକୁ ଫେରାଇ ଆଣିବା । ବିଜେଡ଼ି ଓ ବିଜେପି ରାଜ୍ୟ ଓ ଦେଶରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବାବେଳେ ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ଉଭୟ ଦଳ ଲୋକଙ୍କୁ ମିଛି ପ୍ରତିଶ୍ରୁତି ଦେଇ ଶାସନ କ୍ଷମତା ଅକ୍ତିଆର କରିବାକୁ ଯେଉଁ ପ୍ରଚେଷ୍ଟା କରୁଛନ୍ତି ତାହା ରାଜ୍ୟବାସୀ ବୁଝିସାରିଲାଣି । ୨୪ ବର୍ଷ ଶାସନ କ୍ଷମତାରେ ଥିବା ବିଜେଡ଼ି ଦୁର୍ନୀତିକୁ ନିଜର ନିତିରେ ପରିଣତ କରିଛି ଯାହା ଉଚିତ୍ ଜବାବ ଆଗାମୀ ଦିନରେ ଜନତା ଦେବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ପୂର୍ବତନ ବିଧାୟକ ଜଙ୍ଗେଶ୍ୱର ବାବୁ ଯୋଗଦେଇ ବିଜେଡ଼ି ଦୁର୍ନୀତିରେ ରସାତଳକୁ ଯାଇଛି । ବିଜେଡ଼ିର ଏହା ଶେଷ ସମୟ ଜନସାଧାରଣ ଆଗାମୀ ନିର୍ବାଚନରେ କଂଗ୍ରେସକୁ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ପ୍ରକାଶ କରିଛନ୍ତି । ସାଧାରଣ ଜନତାଙ୍କ ପାଇଁ ଯାହା ବିକାଶ ହୋଇଛି ତାହା କଂଗ୍ରେସ ସରକାର ସମୟରେ ହୋଇଛି ବୋଲି ପ୍ରକାଶ କରିଥିଲେ । ବ୍ଲକ ସଭାପତି ଜ୍ୟୋତିର୍ମୟୀ ମହାଁ ସମ୍ମିଳନୀକୁ ପରିଚାଳନା କରିଥିବାବେଳେ ପ୍ରଦେଶ କଂଗ୍ରେସ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ପିସିସି ସାଧାରଣ ସମ୍ପାଦକ ବିଧୁ ଭୂଷଣ ତ୍ରିପାଠି, ପିସିସି ସଭ୍ୟ ଡମ୍ବରୁ ଛତ୍ରୀଆ, ସୁମନ ବେହେରା, ବ୍ଲକ ସଭାପତି ବିକାଶ ପାଣିଗ୍ରାହି, ଟାଉନ ସଭାପତି ପିନୁ ଆରଜୁଆଡ଼, ରାମେଶ୍ୱର ସାହୁ, ପୂର୍ବତନ ପିସିସି ସଂପାଦକ ବିରେନ୍ଦ୍ର ସାଗର, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ।

## ପୂର୍ବତନ ବିଜେଡି ସଭାପତି ମେହେଙ୍ଗା ସିଂଙ୍କ ବିୟୋଗ

ମାଲକାନଗିରି, ୧।୯(ପି.ଏନ)- ମାଲକାନଗିରି ଜିଲ୍ଲା ପୂର୍ବତନ ବିଜେଡି ସଭାପତି ମେହେଙ୍ଗା ସିଂଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦୀର୍ଘ ଦିନ ହେଲା ଅତି ସଙ୍କଟାପନ୍ନ ଅବସ୍ଥାରେ ଥିବାବେଳେ ଆଜି ତାଙ୍କର ବିୟୋଗ ଘଟିଛି । ତାଙ୍କୁ ଦର୍ଶନ କରିବା ପାଇଁ ବହୁ ଶୁଭେଚ୍ଛୁ ମାଲକାନଗିରି ସଦର ମହକୁମା ସ୍ଥିତ ଦୁର୍ଗାଗୁଡି ସାହିରେ ଥିବା ତାଙ୍କ ବାସଭବନକୁ ଯାଇଥିବା ଜଣାପଡିଛି । ସେ ଆଜି ଭୋର୍ ୪ଟା ୩୦ ମିନିଟ୍‌ରେ ମାଲକାନଗିରି ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ବେଳକୁ ମେହେଙ୍ଗା ସିଂଙ୍କ ବୟସ ୭୬ ବର୍ଷ ହୋଇଥିଲା ।

# ଶ୍ରୀ ମେହେଙ୍ଗା ସିଂଙ୍କ ଜନ୍ମ ୪ଅର୍ପୋଲ ଟାଙ୍ଗି ୧୯୪୭ ମସିହାରେ ହୋଇଥିଲା

ଗୋଟିଯୋଡି ଗ୍ରାମରେ ସେ ବସତି ସ୍ଥାପନ କରିଥିଲେ । ବ୍ୟବସାୟ ଏବଂ କୃଷି ଥିଲା ତାଙ୍କର ମୁଖ୍ୟ ଜୀବିକା ।୧୯୭୭ ମସିହାରେ ସର୍ବ ପ୍ରଥମେ ଜନତା ଦଳରେ ଯୋଗଦାନ କରି ମାଲକାନଗିରି ନିର୍ବାଚନ ମଣ୍ଡଳୀର ସଭାପତି ପଦବୀ ମଣ୍ଡନ କଲା ପରେ କଠିନ ପରିଶ୍ରମ କରି ଜନତା ଦଳର ସଙ୍ଗଠନକୁ ସୁଦୃଢ଼ କରିଥିଲେ । ଫଳରେ ୧୯୭୭ ମସିହାରେ ହୋଇଥିବା ନିର୍ବାଚନରେ ଜନତା ଦଳରୁ ବିଧାୟକ ଭାବେ ନାକା କାନେୟା ବିଜୟ ଲାଭ କରିଥିଲେ । ମେହେଙ୍ଗା ସିଂଙ୍କ ବରିଷ୍ଠ ନେତୃତ୍ୱ ଓ ଦକ୍ଷ ରାଜନୈତିକ ସଂଗଠକ ଯୋଗୁ ଜନତା ଦଳ ବାରମ୍ବାର ବିଜୟ ଲାଭ କରିଥିଲା ମାଲକାନଗିରି ନିର୍ବାଚନ ମଣ୍ଡଳୀରେ । ଶ୍ରୀ ସିଂ ଥିଲେ ପ୍ରବାଦ ପୁରୁଷ ବିଜୁବାବୁଙ୍କର ଅତି ଆପଣାର ମଣିଷ । ସେ ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ । ମାଲକାନଗିରି ଅଂଚଳର ଯାହା ବିକାଶର କଥା ବିଜୁବାବୁଙ୍କ ନିକଟରେ ଉପସ୍ଥାପନ କରୁଥିଲେ, ସିଧାସଳଖ ତାଙ୍କ କଥାକୁ ଗୁରୁତ୍ୱ ଦେଉଥିଲେ । ୧୯୯୦ ମସିହାରୁ ୧୯୯୭ ଜନତା ଦଳ ଏବଂ ୧୯୯୭ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ବିଜୁ ଜନତା ଦଳର ସଭାପତି ଥିଲେ ।ସେ ଯୁବ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥା ପର୍ଯ୍ୟନ୍ତ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ସ୍ୱାର୍ଥ ପାଇଁ ନେତା ଆଉ କର୍ମୀ ଦଳ ବଦଳ କରାଯାଉଥିବା ଦେଖା ଦେଇଥିଲା ବେଳେ ମେହେଙ୍ଗା ସିଂ ଦଳ ବଦଳ କରିନଥିଲେ । ସେ ଜଣେ ବିଜୁବାବୁଙ୍କ ସଚ୍ଚା କର୍ମୀ ଥିଲେ । ବିଜୁବାବୁଙ୍କ ଦେହାନ୍ତ ପରେ ମଧ ବିଜେଡିରେ ସଭାପତି ରହି ଦାୟିତ୍ୱ ନିର୍ବାହ କରିଥିଲେ । ମାଲକାନଗିରିରେ ଜନତା ଦଳ ହେଉ କି ବିଜୁ ଜନତା ଦଳ ହେଉ ମେହେଙ୍ଗା ସିଂଙ୍କୁ ବୁଝାଉଥିଲା । ସେ ଆଜି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବର୍ତମାନ ତାଙ୍କ ମୃତ ଶରୀରକୁ ଦୁର୍ଗାଗୁଡି ସ୍ଥିତ ବାସଭବନ ରଖାଯାଇଛି । ତାଙ୍କ ମରଶରୀର ନିକଟରେ ପତ୍ନୀ ରାଜବନ୍ତ କୌର, ଦୁଇ ପୁଅ, ବୋହୂ, ନାତି ରହିଛନ୍ତି ।

# କ୍ୟାଡର ପୁନର୍ବିନ୍ୟାସ ଦାବିରେ ସମୂହ ଛୁଟି ନେଇ ଧାରଣା

ଜୟପୁର, ୧(ପି.ଏନ): ଜୟପୁର ସ୍ଥିତ ମୁଖ୍ୟ ଜିଲା କୃଷି ଅଧିକାରିଙ୍କ କାର୍ଯ୍ୟାଳୟରେ ମୃତିକା ସଂରକ୍ଷଣ ଅଧିକାରି, କୃଷି ଅଧିକାରି, ଉଦ୍ୟାନ କୃଷି ଅଧିକାରିଙ୍କ ତରଫରୁ ସମୂହ ଛୁଟି ନେଇ ଦ୍ୱିତିୟ ଦିନରେ ଧାରଣାରେ ବସିଛନ୍ତି । କ୍ୟାଡର ପୁନର୍ବିନ୍ୟାସରେ ବିଳମ୍ବ ହେଉଥିବା ନେଇ କୋରାପୁଟ ଜିଲା ୟୁନିଟ ତରଫରୁ ଏପରି ଧାରଣା ଦିଆଯାଇଛି । ଓଡିଶା କୃଷି ସେବା ସଂଘ କୋରାପୁଟ ଜିଲା ୟୁନିଟ ତରଫରୁ ଏପରି ଧାରଣା ଦିଆଯାଇଛି । ସଂଘ ତରଫରୁ ଅଭିଯୋଗ କରାଯାଇଛି ଯେ, ତିନି ଦଶନ୍ଧି ଧରି ୩୯ଟି ଯୋଜନା ହୋଇଛି । ସ୍ୱତନ୍ତ୍ର କୃଷି ବଜେଟର କାୟାକଳ୍ପ ୬ ଶହ କୋଟିରୁ ୬ ହଜାର କୋଟି ବୃଦ୍ଧି ପାଇଛି । କିନ୍ତୁ, ତଦନରୁପ ଭାବେ ଅଧିକାରିଙ୍କ ସଂଖ୍ୟାରେ କୌଣସି ପରିବର୍ତନ ହୋଇନାହିଁ । କ୍ୟାଡରରେ ଦୁଇ ଦଶନ୍ଧି ପରେ ୨୦୧୩ ପର ଠାରୁ ନିଯୁକ୍ତି ଦିଆ ହୋଇ ଆସିଛି । ତା ପରଠାରୁ ଅଧିକାରି ମାନେ ନିଜ ଉନ୍ନତ ଜ୍ଞାନ କୌଶଳ ଓ କଠିନ ପରିଶ୍ରମ ବଳରେ କୃଷି କର୍ମଣ, ସ୍କଚ୍, ଆଦି ଅନେକ ସମ୍ମାନ ରାଜ୍ୟ ପାଇଁ ଆଣାଯାଇଛି । ହେଲେ ବର୍ତମାନ ପରିସ୍ଥିତିରେ କ୍ୟାଡର ବହୁ ଆସଙ୍ଗିତ ଥାଇ ପଦୋନ୍ନତି ମିଳୁନାହିଁ ବୋଲି ଉଦବେଗ ପ୍ରକାଶ କରିଛି ସଂଘ । ଏମିତିକି କେତେ ଗୁଡିଏ କର୍ତବ୍ୟ ପାଳନ ବେଳେ ଯେପରି କୀଟନାଶକ, ବିହନ, ସାର, ଆଦିର କଳାବଜାରି ରୋକିବା ସମୟରେ ଜୀବନ ଉପରେ ବିପଦ ଥିବା ସତ୍ୱେ ସଦା ଜାଗ୍ରତ ରହି କୃଷକ ସମାଜର ମଙ୍ଗଳ ନିମିତ୍ତ କାର୍ଯ୍ୟ କରୁଛୁ । ତେଣୁ ରାଜ୍ୟ ସରକାର ଦାବି ପୁରଣ ନକିରବା ଯାଏ ସମୂହ ଛୁଟିରେ ଯିବେ ବୋଲି ନିଷ୍ପତି ନେଇଥିବା ସଂଘ ତରଫରୁ ସୂଚନା ଦିଆଯାଇଛି ।

# ବିଧାୟକଙ୍କୁ ଭେଟିଲେ ଜିଲା ଯୋଗାଣ ଅଧିକାରି

ଜୟପୁର, (ପି.ଏନ): କୋରାପୁଟ ଜିଲା ଯୋଗାଣ ସହାୟକ ସଂଘ ୬ ଦଫା ଦାବି ନେଇ କାଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଧାରଣା ଦେଇଛନ୍ତି । ଏନେଇ ଆଜି ସଂଘ ତରଫରୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି ।ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୋରାପୁଟ ଜିଲାର ବିଭିନ୍ନ ପଂଚାୟତରେ କାର୍ଯ୍ୟରତ ସମସ୍ତ ଯୋଗାଣ ସହାୟକ ଆଜିକୁ ଦଶବର୍ଷ ହେବ ନିରବଛିନ୍ନ ଭାବେ ନିଜ ଦାୟିତ୍ୱ ତୁଲାଉଛନ୍ତି । ପଂଚାୟତ ଅଧିନରେ ଥିବା ସମସ୍ତ ହିତାଧିକାରିଙ୍କୁ ମାସକୁ ମାସ ପି.ଡି.ଏସ. ସାମଗ୍ରୀ ବଂଟନ ସହ ଭତା ବଂଟନ କରୁଛନ୍ତି । ସରକାରଙ୍କ ସମସ୍ତ ଉନ୍ନତିମୁଳକ କାର୍ଯ୍ୟରେ ସାହାଯ୍ୟ ମଧ କରୁଛନ୍ତି । ଆବଶ୍ୟକ ସ୍ଥଳେ ଘର ଘର ଯାଇ ମଧ ପିଡିଏସ ସାମଗ୍ରୀ ବଂଟନ କରାଯାଉଛି । କରୋନା ମହାମାରୀ ସମୟରେ ମଧ ଯୋଗାଣ ସହାୟକ ମାନେ ନିଜ କର୍ତବ୍ୟ ତୁଲାଇଥିଲେ । କିନ୍ତୁ, ଗୋଟିଏ ଯୋଗାଣ ସହାୟକ ମାସିକ ୬ ହଜାର ଟଙ୍କା ଦରମା ପାଉଛି । ଯେଉଁଥିରେ କି ପରିବାର ଭରଣପୋଷଣ ଆସମ୍ଭବ ଅଟେ । ଏନେଇ ସରକାରଙ୍କୁ ଓ ମୁଖ୍ୟମନ୍ତ୍ରୀଙ୍କୁ ବହୁବାର ନିବେଦନ କରିବା ସତ୍ୱେ କର୍ଣ୍ଣପାତ କରୁ ନାହାଁନ୍ତି । ତେଣୁ ବିଧାୟକ ବାହିନିପତି ଯୋଗାଣ ସହାୟକଙ୍କ ଦାବିକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି ।ଉକ୍ତ ଦାବି ଗୁଡିକ ହେଲା, ଯୋଗାଣ ସହାୟକର ଚାକିରୀ ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଉ, ଯୋଗାଣ ସହାୟକଙ୍କ ନାମରେ ପିଡିଏସ ଲାଇସେନ୍ସ ଦିଆଯାଉ, କାଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳିନ ସହାୟତା ରାଶି ପ୍ରଦାନ କରାଯାଉ ଓ ତାଙ୍କ ପରିବାର ବର୍ଗର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯାଉ, ଯୋଗାଣ ସହାୟକଙ୍କୁ ପଂଚାୟତରାଜ ବିଭାଗରୁ

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ଼ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯବେକ୍ଷକ



# ହାର୍‌ପିକ୍ ପକ୍ଷରୁ ସାନିଟେଶନ ହାଇଜିନ୍ ଏଜୁକେଶନ ଫ୍ରେମ୍‌ୱାର୍କର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଲାଭାଟୋରୀ କେୟାର ବର୍ଗରେ ଏକ ଅଗ୍ରଣୀ ବ୍ରାଣ୍ଡ ହାର୍‌ପିକ୍ ପକ୍ଷରୁ ସେସାମି ୱର୍କସପ୍ ଇଣ୍ଡିଆ ଟ୍ରଷ୍ଟ ସହ ସହଭାଗିତାରେ 'ସାନିଟେଶନ ହାଇଜିନ୍ ଏଜୁକେଶନ ଫ୍ରେମ୍‌ୱାର୍କ' ଉପରେ ଆଧାରିତ ଏକ ସ୍ୱତନ୍ତ୍ର କିଟ୍‌ର ଉନ୍ମୋଚନ କରାଯାଇଛି। ହାର୍‌ପିକ୍‌ର ମିଶନ ସ୍ୱଚ୍ଛତା ଔର୍ ପାନି କ୍ୟାମ୍ପେନ୍‌କୁ ସମର୍ଥନ କରିବା ପାଇଁ ଏହି ଅଭିନବ 'ସୁଶ୍ ଜର୍ମସ୍ ଆୱେ' କିଟ୍‌କୁ ରାଷ୍ଟ୍ରୀୟ ଶିକ୍ଷା ନୀତି (ଏନ୍‌ଇପି ୨୦୨୦) ଏବଂ ନ୍ୟାଶନାଲ କରିକୁଲମ୍ ଫ୍ରେମ୍ ୱର୍କ (୨୦୨୨) ସହ ମିଳିତ ଭାବେ ଡିଜାଇନ୍ କରାଯାଇଛି। ଏହି ସ୍ୱତନ୍ତ୍ର କିଟ୍‌ର ଲକ୍ଷ୍ୟ ହେଉଛି ପିଲାମାନଙ୍କ ମଧ୍ୟରେ ସୁସ୍ଥ ଶୌଚାଳୟ ଅଭ୍ୟାସ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଓ ଏହାକୁ ପ୍ରୋତ୍ସାହିତ କରିବା, ଯାହା ସେମାନଙ୍କ ମଧ୍ୟରେ 'ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତା'ର ମହାତ୍ମ୍ୟକୁ ଅନ୍ତର୍ନିହିତ କରିବ।' ଏହି ପ୍ରୋଗ୍ରାମର ଅଂଶ ଭାବେ ହାର୍‌ପିକ୍ ଓ ସେସାମି ୱର୍କସପ୍ ଇଣ୍ଡିଆ ଟ୍ରଷ୍ଟ ଓଡିଶାର ପୁରୀ ଜିଲ୍ଲାର ଆଶ୍ରମଶାଳାଗୁଡିକରେ ୧୭ ଲକ୍ଷ ପିଲାମାନଙ୍କୁ ଏହି କିଟ୍ ବଂଟନ କରିବ। ଏହି କିଟ୍‌ରେ ୩ଡି ପପ୍-ଅପ୍ ବୁକ୍, ୩ଡି ଜିଗ୍‌ସ' ପଜଲ୍ ଓ ଏକ ଆକ୍ଟିଭିଟି ବୁକ୍‌ଲେଟ୍ ସାମିଲ ରହିଛି ଯାହାକୁ ସେସାମିର ଲୋକପ୍ରିୟ ଚରିତ୍ର ଏଲ୍‌ମୋ, ଚମ୍‌କି, ନିଲା ଯାଦୁଗର ଓ କେକେ କିଟାଣୁ ସାହାଯ୍ୟରେ ଉପସ୍ଥାପନ କରାଯିବ। ଏହି ପଦକ୍ଷେପ ହାର୍‌ପିକ୍‌ର 'ସମସ୍ତଙ୍କ ପାଇଁ ସୁରକ୍ଷିତ ଶୌଚାଳୟ' ମିଶନର ଏକ ଅଂଶ ଅଟେ। ଏସମ୍ପର୍କରେ ରେକିଟ୍ଟ-ସାଉଥ୍ ଏସିଆର କାର୍ଯ୍ୟକାରୀ ଉପାଧ୍ୟକ୍ଷ, ଗୌରବ ଜୈନ୍ କହିଛନ୍ତି, 'ରେକିଟ୍ଟରେ ଆମେ ସମସ୍ତଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୃଷ୍ଟି କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ସେସାମି ଇଣ୍ଡିଆ ସହ ଆମର ସହଭାଗିତା ପିଲାମାନଙ୍କଠାରେ ସ୍ୱଚ୍ଛତା ସମସ୍ୟା ଓ ଶୌଚାଳୟ ସ୍ୱଚ୍ଛତା ଅନ୍ତରକୁ ଦୂର କରିବା ଉପରେ ଗୁରୁତ୍ୱ ଦେଉଛି।' ସେହିପରି ନେଟ୍‌ୱାର୍କ ୧୮ର ପରିଚାଳନା ନିର୍ଦ୍ଦେଶକ, ରାହୁଲ ଯୋଶି କହିଛନ୍ତି, 'ଭାରତର ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୂର୍ମୁଙ୍କ ଦ୍ୱାରା ସ୍ୱଚ୍ଛତା ପାଠ୍ୟକ୍ରମର ଉନ୍ମୋଚନ 'ଆମର ମିଶନ ସ୍ୱଚ୍ଛତା ଔର୍ ପାନି' ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୂହୂର୍ତ୍ତ ଅଟେ। ଯୁବପିଢିଙ୍କୁ ଉପଯୁକ୍ତ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରି ଆମେ ସେମାନଙ୍କର ଜୀବନକୁ ଉନ୍ନତ କରିବା ସହ ଆମ ଦେଶର ଏକ ଅଧିକ ସମୃଦ୍ଧ ଓ ସ୍ଥାୟୀ ଭବିଷ୍ୟତ ପାଇଁ ମୂଳଦୁଆ ସ୍ଥାପନ କରୁଛୁ।' ସେହିପରି ସେସାମି ୱର୍କସପ୍ ଇଣ୍ଡିଆ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି, ସୋନାଲି ଖାନ୍ କହିଛନ୍ତି, 'ସେସାମି ୱର୍କସପ୍ ଇଣ୍ଡିଆ ଟ୍ରଷ୍ଟରେ ଆମର ଲକ୍ଷ୍ୟ ହେଉଛି ଏକ ସ୍ୱଚ୍ଛ ଓ ସୁସ୍ଥ ଇଣ୍ଡିଆ ପାଇଁ ୱାଟର, ସାନିଟେଶନ ଓ ହାଇଜିନ୍ (ୱାଶ୍) କ୍ଷେତ୍ରରେ ଦୀର୍ଘସ୍ଥାୟୀ ଅଭ୍ୟାସ ନିର୍ମାଣ କରିବା। ଆମେ 'ସାନିଟେଶନ ହାଇଜିନ୍ ଏଜୁକେଶନ ଫ୍ରେମ୍‌ୱର୍କ' ସହ ଜଡିତ ହୋଇ 'ସୁଶ୍ ଜର୍ମସ୍ ଆୱେ!' କିଟ୍‌ର ଲଂଚ୍ ସହିତ ମିଶନ ସ୍ୱଚ୍ଛତା ଔର୍ ପାନି ଅଭିଯାନ ସହ ଆମର ସହଭାଗିତାକୁ ଆଗକୁ ବଢାଇ ଉତ୍ସାହିତ ଅଛୁ। ଏହି କିଟ୍ ପିଲାମାନଙ୍କ ପାଇଁ ସହଜ, ନିୟୋଜନକାରୀ ଓ ମଜାଦାର ଅଟେ। ପିଲାମାନେ ସ୍ୱଚ୍ଛତା ଓ ଶୌଚାଳୟ ଅଭ୍ୟାସ ଯାତ୍ରା ଶୀଘ୍ର ଆରମ୍ଭ କଲେ ଜୀବନକାଳନ ପାଇଁ 'ସ୍ୱଚ୍ଛତା ଚାମ୍ପିଅନ୍' ହୋଇପାରିବେ ବୋଲି ଆମେ ବିଶ୍ୱାସ କରୁଛୁ।'

# ପାରାଦୀପ ପୌର ପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହା ସମାରୋହରେ ପାଳିତ



ପାରାଦୀପ,(ପି.ଏନ): ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ପାରାଦୀପ ପୌରପାଳିକା ପ୍ରଶାସନ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଗୁରୁବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ସମଗ୍ର ପୌରାଞ୍ଚଳରେ ରାମଧୁନ ସହ ବନ୍ଦର ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପରିବେଶ ସଚେତନତାର ବାର୍ତ୍ତା ନେଇ ଏକ ଶୋଭାଯାତ୍ରା କରି ପୌର ପରିଷଦ କାର୍ଯ୍ୟାଳୟ ଠାରେ ଏକତ୍ରିତ ହୋଇଥିଲେ। ସେଠାରେ ପୌରାଧ୍ୟକ୍ଷ ବସ' ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ପାରିଷଦ ଓ ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୌର କର୍ମଚାରୀ ମାନଙ୍କୁ ସୁରକ୍ଷା ପୋଷାକ ଓ ଭତ୍ତା ବ୍ଣ୍ଟନ କରାଯିବା ସଙ୍ଗେ ସଙ୍ଗେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଭିନ୍ନ ୱାର୍ଡରେ ମୁକ୍ତାକାଶ ବ୍ୟାୟାମଶାଳା, ମିଶନ ଶକ୍ତି ଗୃହ, ଗୋଷ୍ଠ ସେବା ଗୃହ, ଶିଶୁ ଉଦ୍ୟାନ ଓ ବରିଷ୍ଠ ନାଗରିକ ପାର୍କ ଇତ୍ୟାଦି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିଲା। ସେହିପରି ସନ୍ଧ୍ୟାରେ ଜୟଦେବ ସଦନ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷ ବସ' ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଯୋଗ ଦେଇଥିବା ବେଳେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଜେଏସଡବ୍ଲୁ ପାରାଦୀପ ଟର୍ମିନାଲ ମୁଖ୍ୟ ମନୀଷ ଗୁପ୍ତା, ପିପିଏଲ ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ପୌର ଉପାଧ୍ୟକ୍ଷା ଛବିଲତା ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ପାରାଦୀପ ପୌର ପ୍ରଶାସନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସେବାରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କୁ ସମ୍ମାନୀତ ଓ ପୁରସ୍କୃତ କରାଯାଇଥିଲା। ସୂଚନା ଥାଉକି, ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଗତ ଅଗଷ୍ଟ ୧୦ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟ' ପୌରାଧ୍ୟକ୍ଷ ବସ' ବିଶ୍ୱାଳଙ୍କ ତତ୍ୱାବଧାନରେ ସମସ୍ତ ପାରିଷଦ ସମ୍ପୂର୍ଣ୍ଣ ୧୯ ଗୋଟି ୱାର୍ଡରେ ସାମୁହିକ ବସ୍ତି ସଫେଇ, ବୃକ୍ଷରୋପଣ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ରୟାଲ୍ ଷ୍ଟାଗ୍ ବୁମ୍‌ବକ୍ସ ପକ୍ଷରୁ ଏହାର ୪ର୍ଥ ମୂଳ ସଙ୍ଗୀତ ଇମ୍‌ତିହାନ୍ ଉନ୍ମୋଚିତ

ଭୁବନେଶ୍ୱର,(ପି.ଏନ): ଭାୟକମ୍ ୧୮ ସହ ସହଭାଗିତାରେ, ରୟାଲ୍ ଷ୍ଟାଗ୍ ବୁମ୍‌ବକ୍ସ ପକ୍ଷରୁ ଲୋକପ୍ରିୟ ଗାୟିକା ନିତି ମୋହନ ଓ ରାପର୍ ଇପିଆର୍‌ଙ୍କ କଣ୍ଠରେ ଏହାର ୪ର୍ଥ ସଙ୍ଗୀତ ଇମତିହାନ ରିଲିଜ୍ କରିଛି। 'ଲିଭିଙ୍ଗ୍ ଇଟ୍ ଲାର୍ଜ'ର ଉତ୍ସାହକୁ ପାଳନ କରି ଏବଂ ନିଜର ସ୍ୱତନ୍ତ୍ର ଅନୁଭୂତି ସହିତ ମଣିପାଲ, ଭୁବନେଶ୍ୱର, ପୁନେ, ଇନ୍ଦୋର ଓ ଡେହରାଡୁନରେ ହଜାର ହଜାର ସଙ୍ଗୀତପ୍ରେମୀଙ୍କୁ ରୋମାଂଚିତ କରି ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ୪ଟି ମୂଳ ସଙ୍ଗୀତ ଭିଡିଓ ଲଂଚ୍ ସହ ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ନୂଆ ଟ୍ରାକ୍ 'ଇମ୍‌ତିହାନ୍' ହେଉଛି ବଲିଉଡ୍ ଓ ହିପ୍‌ହପ୍ ଜେନର୍‌ର ଏକ ଆକର୍ଷଣୀୟ ସମ୍ମିଶ୍ରଣ ଯାହା ଏକ ଚମତ୍କାର ସଙ୍ଗୀତମୟ ଅନଭୂତି ସୃଷ୍ଟି କରୁଛି। ଏହି ସଙ୍ଗୀତ ଭାବନାର ଏକ ଗଭୀରତାକୁ ବହନ କରିଛି ଏବଂ କଳାତ୍ମକ କୌଶଳକୁ ଆବିଷ୍କାର କରିବା ପାଇଁ ସଂଘର୍ଷକୁ କ୍ୟାପ୍‌ଚର କରିଛି। ଏହା ହେଉଛି ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ସ୍ୱତନ୍ତ୍ର, ଫିଜିଟାଲ ଫର୍ମାଟ୍‌ର ଅଂଶ ଭାବେ ବିଭିନ୍ନ ପ୍ଲାଟ୍‌ଫର୍ମରେ ରିଲିଜ୍ ହୋଇଥିବା ୪ର୍ଥ ମୂଳ ମେଲୋଡି ଓ ହିପ୍‌ହପ୍ ମ୍ୟୁଜିକ୍ ଟ୍ରାକ୍। ଏସମ୍ପର୍କରେ ଇପିଆର୍ କହିଛନ୍ତି, 'ମୁଁ ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ଏକ ଅଂଶ ହୋଇ ଖୁବ୍ ଖୁସି ଅନୁଭବ କରୁଛି। ଏହା ହେଉଛି ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ଯାହା ମୋ ଭଳି ରାପ୍ କଳାକାରମାନଙ୍କୁ ଭାରତରେ ବିକଶିତ ହିପ୍‌ହପ୍ ପରିଦୃଶ୍ୟକୁ ସେଲିବ୍ରେଟ୍ କରିବାର ସୁଯୋଗ ଦେଇଛି। ଇମ୍‌ତିହାନରେ ନିତି ମୋହନଙ୍କ ସହ କାମ କରିବା ମୋ ପାଇଁ ଏକ ସ୍ମରଣୀୟ ସମୟ ଥିଲା। ମୁଁ ଆଶା କରୁଛି ଦର୍ଶକ ଏହାକୁ ପସନ୍ଦ କରିବେ।' ସେହିପରି ଗାୟିକା ନିତି ମୋହନ କହିଛନ୍ତି, 'ଜଣେ କଳାକାର ଭାବେ ରୟାଲ୍ ଷ୍ଟାଗ୍ ବୁମ୍‌ବକ୍ସ ଭଳି ପ୍ଲାଟ୍‌ଫର୍ମ ନୂଆ ସଙ୍ଗୀତ ସୃଷ୍ଟି କରୁଥିବାର ଦେଖିବା ଖୁବ୍ ଚମତ୍କାର ଅଟେ। ପ୍ଲାଟ୍‌ଫର୍ମର ବିଷୟବସ୍ତୁ ପ୍ରତି ବାସ୍ତବ ଥିବା ଆମର ଗୀତ ଇମ୍‌ତିହାନ୍ ଏକ ରୋଚକପୂର୍ଣ୍ଣ ଶୈଳୀରେ ହିପ୍‌ହପ୍ ଓ ବଲିଉଡ୍‌ର ଏକତ୍ରିକରଣକୁ ସେଲିବ୍ରେଟ୍ କରୁଛି।'

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ଉପ ନିର୍ଦ୍ଦେଶକ



ପୁରୀ,(ପି.ଏନ): କଟକସ୍ଥିତ କେନ୍ଦ୍ରାଂଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ପୁରୀକୁ ଦିନିକିଆ ଗସ୍ତରେ ଆସି ଶୁକ୍ରବାର ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟକୁ ପରିଦର୍ଶନ କରିଛନ୍ତି। ପରେ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ବିଭାଗର ସମ୍ମାନ ବୃଦ୍ଧିରେ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସରକାରଙ୍କର ଏକ ପ୍ରମୁଖ ବିଭାଗ। ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା ସହ ଯୋଜନାଟି ଯେପରି ସାଧାରଣ ଲୋକଙ୍କ ହିତରେ ଲାଗି ପାରିବ, ସେଥିପାଇଁ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ଦ୍ୱାରା ହିତାଧିକାରୀଟି ତାର ସୁଫଳ ପାଇଥାଏ। ଏପରିକି ଲୋକମାନଙ୍କୁ ବିଭିନ୍ନ ଆବଶ୍ୟକତା ଓ ସମସ୍ୟାକୁ ସରକାର ଓ ପ୍ରଶାସନ ନିକଟରେ ପଂହଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ବିଭାଗ ସାଧାରଣ ଜନତା,ସରକାର ଓ ପ୍ରଶାସନ ସହ ଏକ ସେତୁ ଭଳି କାର୍ଯ୍ୟ କରିଥାଏ ବୋଲି ଶ୍ରୀ ନାୟକ କହି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ଓ ସମୀକ୍ଷାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ,ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର ପାତ୍ର, ବରିଷ୍ଠ ରାଜସ୍ୱ ସହାୟକ ରାଜେନ୍ଦ୍ର କୁମାର ପାତ୍ର, ଅପରେଟର ପ୍ରସନ୍ନ କୁମାର ସାହୁଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅପସ୍ମାର,ସ୍ନାୟୁଗତ ଏବଂ ହୃଦରୋଗର ଚିକିତ୍ସା ପାଇଁ ୧୨୦ ଜଣ ଶିଶୁ ଚିହ୍ନଟ

ପୁରୀ, (ପି.ଏନ):ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଜ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ଠାରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଅଗଷ୍ଟ ୧୮ ଓ ୧୯ତାରିଖରେ ୨ଦିନ ବ୍ୟାପି ଜନ୍ମଗତ ରୋଗ ଓ ଅପସ୍ମାର ବା ସ୍ନାୟୁଗତ ରୋଗ ତ୍ରୁଟି ପରୀକ୍ଷଣ ଓ ଚିକିତ୍ସା ପାଇଁ ପରାମର୍ଶ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଣୀ ଡାକ୍ତର ସୁଜାତା ମିଶ୍ର ଏବଂ ଅତିରିକ୍ତ ନିର୍ଦ୍ଦେଶକ(ବୈଷୟିକ) ଜାତୀୟ ସ୍ୱାସ୍ଥ୍ୟ ମିଶନ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡିଶା ଡାକ୍ତର ନିରୋଦ କୁମାର ସାହୁ ଆନୁଷ୍ଠାନିକଭାବେ ଉଦଘାଟନ କରି ନାରାୟଣ ହେଲ୍‌ଥର ଏସ ଆର ସି ସି ଚିଲଡ୍ରେନ ହସ୍ପିଟାଲ,ମୁମ୍ବାଇରୁ ଆସିଥିବା ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ପ୍ରଜ୍ଞା ଗାଡଗିଲ,ସ୍ନାୟୁ ଶଲ୍ୟ ଚିକିତ୍ସକ ଡାକ୍ତର ସୌରଭ କୁମାର ସାମନ୍ତରାୟ,ହୃଦରୋଗ ବିଶେଷଜ୍ଞ ଡାକ୍ତର ସୁପ୍ରତିମ ସେନଙ୍କୁ ଜିଲ୍ଲାର କୋଣ ଅନୁକୋଣରୁ ଆର ବି ଏସ କେ ଟିମ ମାଧ୍ୟମରେ ସ୍କ୍ରିନିଂ ହୋଇ ଆସିଥିବା ଶିଶୁମାନଙ୍କୁ ପରୀକ୍ଷଣ କରିବା ପାଇଁ ସ୍ୱାଗତ କରିଥିଲେ। ଏହି ଶିବିରରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ୨୨ଟି ମୋବାଇଲ ହେଲ୍‌ଥ ଟିମ ଜରିଆରେ ଚିହ୍ନଟ ହୋଇଥିବା ଜନ୍ମରୁ ୧୮ବର୍ଷ ବୟସ ମଧ୍ୟରେ ମୋଟ ୧୨୦ଜଣ ଅପସ୍ମାର ଏବଂ ସ୍ନାୟୁଗତ ରୋଗ ପାଇଁ ୫୪ ଜଣ ଓ ହୃଦରୋଗ ପାଇଁ ୬୬ଜଣ ଶିଶୁଙ୍କର ପରୀକ୍ଷଣ କରାଯାଇଥିଲା। ସେଥି ମଧ୍ୟରୁ ୨୧ଜଣ ଶିଶୁ ଅପସ୍ମାର ବା ସ୍ନାୟୁଗତ ରୋଗ ପାଇଁ ଏବଂ ୪୨ଜଣ ଶିଶୁ ହୃଦରୋଗ ପାଇଁ ଉନ୍ନତ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଛି। ପରବର୍ତି ପର୍ଯ୍ୟାୟରେ ଏହି ଶିଶୁମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କର ଚିହ୍ନଟ ହୋଇଥିବା ରୋଗର ଚିକିତ୍ସା ପାଇଁ ଅନୁବନ୍ଧିତ ହୋଇଥିବା ବଡ ବଡ ଡାକ୍ତରଖାନାକୁ ପଠାଯାଇ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି।

# ସ୍ୱପ୍ନକୁ ସାକାର କରୁଛି: 'ସ୍ୱମାନ' ଚାନ୍ଦୁଆ କାରିଗରଙ୍କୁ ସଶକ୍ତ କରୁଛି

ଭୁବନେଶ୍ୱର,(ପି.ଏନ): ଏକ ଅଗ୍ରଣୀ ମାଇକ୍ରୋଫାଇନାନ୍ସ ସଂସ୍ଥା ସ୍ୱମାନ ଫାଇନାନ୍‌ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ପୂର୍ବ ଓଡ଼ିଶାର ଜଣେ ଚାନ୍ଦୁଆ କାରିଗର ନିଳିମା ମଣ୍ଡଳଙ୍କର ଏକ ମଜାଦାର ସଫଳତା କାହାଣୀକୁ ନେଇ ଖୁସି ମନାଉଛି। ପାରମ୍ପରିକ କାରିଗରୀରୁ ଏକ ଫଳପ୍ରସୂ ଔଦ୍ୟୋଗିକତା ଆଡକୁ ଯାତ୍ରା ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ସଶକ୍ତିକରଣ ନିମନ୍ତେ ସ୍ୱମାନର ପ୍ରତିବଦ୍ଧତାର ନିଦର୍ଶନ ହୋଇଛି।ଓଡ଼ିଶାର ସାଂସ୍କୃତିକ ରଜ୍ଜୁକୁ ଅତି ନିଖୁଣ ଭାବରେ ବୁଣାଯାଉଥିବା ଶହ ଶହ ବର୍ଷ ପୁରାତନ ଚାନ୍ଦୁଆର ଚଳଚଞ୍ଚଳ କଳାକୃତି ପ୍ରତି ନିଳିମା ବିଶେଷ ଭାବରେ ଆକୃଷ୍ଟ ହୋଇଥିଲେ। ନୈସର୍ଗିକ ରଥଗୁଡିକ ଦ୍ୱାରା ପ୍ରେରିତ ହୋଇ ସେ ସୃଜନଶୀଳତା ଏବଂ ଏକାଗ୍ର ମନୋନିବେଶ ଦିଗରେ ବ୍ୟକ୍ତିଗତ ଧ୍ୟାନ କେନ୍ଦ୍ରିତ କଲେ। ଏହି ପରମ୍ପରାକୁ ଏକ ତାଜା ଦୃଷ୍ଟିକୋଣ ଦେଇ ସେ ନିଜ ଦୃଷ୍ଟିଭଙ୍ଗୀକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇଥବଲେ ଏବଂ ଅନନ୍ୟ ଚାନ୍ଦୁଆ ପ୍ରସ୍ତୁତ କଲେ ଯାହା ସର୍ବତ୍ର ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିପାରିଲା। ତେବେ ନିଳିମାଙ୍କର ଔଦ୍ୟୋଗିକ ଆଗ୍ରହ ପାଇଁ ସମସ୍ୟା ଦେଖାଦେଲା, ଯେତେବେଳେ ତାଙ୍କ ସାମଗ୍ରୀର ଚାହିଦା ବୃଦ୍ଧିପାଇଲା। ତାଙ୍କ ନିକଟରେ ଥିବା ଏକମାତ୍ର ସିଲେଇ ମେସିନରେ ସେ ବର୍ଦ୍ଧିତ ଚାହିଦା ପୂରଣ କରିବା ସମ୍ଭବ ହୋଇପାରିଲା ନାହିଁ। ଅଭିବୃଦ୍ଧିର ଆବଶ୍ୟକତାକୁ ଅନୁଭବ କରି ନିଳିମା ସ୍ୱମାନ ଫାଇନାନ୍‌ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡରେ ଜଣେ ଅଂଶୀଦାରଙ୍କ ସନ୍ଧାନ ପାଇଲେ, ଯାହା ସ୍ୱତନ୍ତ୍ର ଭାବରେ ଅଣୁଋଣ ସମାଧାନ ଏବଂ ସରଳ ପରିଶୋଧ ବ୍ୟବସ୍ଥା ଜରିଆରେ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ସହାୟତା କରିବା ନିମନ୍ତେ ସୁପରିଚିତ। ସ୍ୱମାନ ନିଳିମାଙ୍କୁ ତାଙ୍କ ଯାତ୍ରାରେ ରୂପାନ୍ତରଣ ଆଣିବା ଦିଗରେ ସହାୟତା କଲା। ସେ ଅଣୁଋଣ ଆଣିବା ପରେ ଆଉ ଗୋଟିଏ ଟେଲରିଂ ମେସିନ କିଣି ଏବଂ ଉନ୍ନତ କଞ୍ଚାମାଲ ସଂଗ୍ରହ କରି ତାଙ୍କର ଯୋଗାଣ ଶୃଙ୍ଖଳକୁ ପରିବ୍ୟାପ୍ତ କଲେ। ପରିଣତିରେ ନିଳିମାଙ୍କ ଉତ୍ପାଦନ କ୍ଷମତା ଉଲ୍ଲେଖନୀୟ ଭାବରେ ବୃଦ୍ଧିପାଇଲା ଏବଂ ସେ ତାଙ୍କର ଚାନ୍ଦୁଆ ଲ୍ୟାମ୍ପ୍‌ଗୁଡିକର ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ସମର୍ଥ ହେଲେ ଏବଂ ସେହି ସମୟରେ ନିଜର ସୃଜନଶୀଳତା ଏବଂ ସାଂସ୍କୃତିକ ଗଭୀରତାକୁ ପ୍ରତିଟି ଉତ୍ପାଦରେ ବଜାୟ ରଖିପାରିଲେ। ତାଙ୍କର ଔଦ୍ୟୋଗିକତା କେବଳ ଅର୍ଥନୈତିକ ଦୃଶ୍ୟପଟ୍ଟ ପ୍ରତି ଅବଦାନ ରଖୁନାହିଁ, ତାହାସହିତ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଧାରାର ସୁରକ୍ଷା ସହିତ ତାହାକୁ ଆଗେଇ ନେଉଛି। ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ନିଳିମା ମଣ୍ଡଳଙ୍କ ଆଶା ଆକାଂକ୍ଷା ସ୍ୱମାନର ଲକ୍ଷ୍ୟ ସହିତ ସଠିକ ମେଳ ଖାଉଛି। ତାଙ୍କର ଲକ୍ଷ୍ୟରେ ରହିଛି ଅଧିକ ଟେଲରିଂ ମେସିନ ଯୋଗାଡ କରି ନିଜର ବ୍ୟବସାୟକୁ ସମ୍ପ୍ରସାରିତ କରିବା, ଏହି ପ୍ରୟାସ କେବଳ ତାଙ୍କର ବ୍ୟବସାୟିକ ଅଭିବୃଦ୍ଧିକୁ ଆଗେଇନେବ ନାହିଁ, ତାହାସହିତ ତାଙ୍କ ସମୁଦାୟ ମଧ୍ୟରେ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟିକରିବ। ଏହି ସହଭାଗୀତା ସୁଲଭ୍ୟ ମାଇକ୍ରୋଫାଇନାନ୍ସର ବିପୁଳ ପ୍ରଭାବ, ସାମାଜିକ-ଅର୍ଥନୈତିକ ପ୍ରଗତିରେ ଏହାର ନିର୍ଣ୍ଣାୟକ ଭୂମିକା, ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ଏବଂ ବ୍ୟକ୍ତିଗତ ଆଶା ଆକାଂକ୍ଷାର ପରିପୋଷଣ ଆଦି କ୍ଷେତ୍ରରେ ପ୍ରଭାବକୁ ପ୍ରଦର୍ଶିତ କରୁଛି। ସ୍ୱମାନ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରି ନିଳିମା କହିଛନ୍ତି, 'ମୋ ଉତ୍ପାଦର ଚାହିଦା ବୃଦ୍ଧି ପାଉଥିବାବେଳେ ତାହାକୁ ବଜାୟ ରଖିବା କଷ୍ଟକର ବୋଲି ମୁଁ ଲକ୍ଷ୍ୟକଲି। କାରବାର ବୃଦ୍ଧି କରିବା ନିମନ୍ତେ ମୋତେ ଆଉ ଗୋଟିଏ ମେସିନ ଦରକାର ଥିଲା, କିନ୍ତୁ ଆର୍ଥିକ ନିଅଣ୍ଟ ଏ କ୍ଷେତ୍ରରେ ପ୍ରତିବନ୍ଧକ ପାଲଟିଥିଲା। ମୋ ପରିବାର ମୋତେ ସ୍ୱମାନ ଫାଇନାନ୍‌ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ସହିତ ପରିଚିତ କରାଇଲେ, ଯାହା ଗ୍ରାମୀଳ ମହିଳା ଉଦ୍ୟୋଗୀଙ୍କୁ ଅଣୁ ଋଣ ଯୋଗାଇ ଦେଉଛି। ସେମାନଙ୍କର ସାପ୍ତାହିକ ପରିଶୋଧ ବ୍ୟବସ୍ଥା ଏହି ଋଣ ଆଣିବାକୁ ସୁଲଭ କରିବା ସହିତ ମୁଁ ଆବଶ୍ୟକ କରୁଥିବା ଆଉ ଗୋଟିଏ ମେସିନ କଣିବାକୁ ମୋତେ ସମର୍ଥ କରାଇଥିଲା। ମୋର ଔଦ୍ୟୋଗିକ ଯାତ୍ରାରେ ସ୍ୱମାନ ଯୋଗାଇ ଦେଇଥିବା ସମର୍ଥନ ପାଇଁ ବାସ୍ତବରେ ମୁଁ କୃତଜ୍ଞ।ନ୍ତ






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray